# ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ

# THE NIMAPARA AUTONOMOUS COLLEGE

# ଋତମ୍ଭରା

## THE RUTAMBHARA

NIMAPADA AUTONOMOUS COLLEGE
ESTD.-1963

**ଅଧ୍ୟକ୍ଷା**

ଶ୍ରୀମତୀ ଅମିତା ମହାନାୟକ

**ସମ୍ପାଦକ**

ଡ. ରବୀନ୍ଦ୍ର ନାଥ ପାଢ଼ୀ

**ସମ୍ପାଦନା ମଣ୍ଡଳୀ**

ଡ. ଅରୁଣ କୁମାର ଦାଶ

ଡ. ମମତା ସାହୁ

ସାହିସ୍ତା ପରୱିନ୍

ପ୍ରତିମା ଦାଶ

ଏସ୍.ତୃପ୍ତି ତପସ୍ୱିନୀ

ସୁଶାନ୍ତ ଜେନା

# THE NIMAPARA AUTONOMOUS COLLEGE
# THE RUTAMBHARA

*Published by :*

**Smt. Amita Mahanayak**
Principal

*Editor :*
**Dr. Rabindra Natha Padhi**

*Editorial Board :*
**Dr. Aruna Kumar Dash**
**Dr. Mamata Sahoo**
**Sahista Parween**
**Miss Pratima Das**
**Miss SushreeTrupti Tapaswini**
**Mr. Susanta Jena**

The Publisher, the Editor and the Editorial Board are not responsible for the views expressed by the writers in their articles.

*Printed at :*

**Sri Patitapaban Press**
Nimapara, Puri, Phone- (06758) 250267

**Dr. Hari Babu Kambhampati**
**Governor, Odisha**

**RAJ BHAVAN**
**BHUBANESWAR - 751 008**



October 17, 2025

# MESSAGE

I am pleased to learn that **Nimapara Autonomous College, Nimapara** is bringing out its annual magazine “Rutumbhara” for the academic session 2025–26.

An institutional magazine serves as a vibrant platform for students and faculty to express their ideas, creativity and aspirations. It reflects the academic spirit, cultural vibrancy and collective achievements of the institution. I am confident that “Rutumbhara” will not only showcase the literary and artistic talents of the students but also inspire them to strive for greater excellence in their academic pursuits.

I extend my warm greetings and best wishes to the Principal, faculty members, students, and alumni of Nimapara Autonomous College for the successful publication of this magazine.

**(Hari Babu Kambhampati)**

**MOHAN CHARAN MAJHI**
**CHIEF MINISTER, ODISHA**

सत्यमेव जयते

**LOKASEVA BHAVAN**
**BHUBANESWAR**



## MESSAGE

I am delighted to know that Nimapara Autonomous College is bringing out its annual magazine "RUTUMBHARA" for the session 2025–26.

A college magazine is not merely a compilation of writings — it is a reflection of the institution's creative spirit, intellectual energy, and collective aspirations. It provides a valuable platform for students to express their thoughts, ideas, and imagination, while nurturing their literary and artistic talents.

Institutions like Nimapara Autonomous College have been playing a significant role in shaping the youth of our State into responsible, enlightened, and compassionate citizens. I am confident that "RUTUMBHARA" will continue to inspire students to pursue excellence, embrace values, and contribute meaningfully to society.

I extend my best wishes to the principal, faculty members, and students for the successful publication of this magazine and for all future endeavours of the college.

May "RUTUMBHARA" continue to blossom as a symbol of creativity, knowledge, and youthful enthusiasm.

**(MOHAN CHARAN MAJHI)**

**SMT. PRAVATI PARIDA**
DEPUTY CHIEF MINISTER
Women & Child Development,
Mission Shakti, Tourism.

Telephone :
PBX No. :
Mobile No. :

D.O. No. ........................../DCMWCDMST.
BHUBANESWAR
Date 14/10/2025



## MESSAGE

It gives me immense pleasure to learn that Nimapara Autonomous College, Nimapara is bringing out the annual edition of its college magazine "RUTUMBHARA" for the session 2025–26.

A college magazine is not merely a publication; it is a reflection of the institution's academic vitality, creativity, and collective aspirations. It provides a meaningful platform for students to express their thoughts, showcase their talents, and nurture the habit of critical and creative thinking.

I commend the efforts of the editorial team, faculty, and students who have contributed to making this edition a reality. May "RUTUMBHARA" continue to inspire young minds to strive for excellence, uphold values, and contribute positively to society.

I extend my best wishes for the successful publication of the magazine and for the continued progress and glory of Nimapara Autonomous College, Nimapara.

(Pravati Parida)

ସୂର୍ଯ୍ୟବଂଶୀ ସୂରଜ
ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)
ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା

ଦୂରଭାଷ -କାର୍ଯ୍ୟାଳୟ : ୦୬୭୪-୨୫୩୬୯୧୬
ପତ୍ର ସଂଖ୍ୟା................./ଏମ୍‌ଓଏସ୍‌ଏଚ୍‌ଇଏସ୍‌ଓୱାଇଏସ୍‌ଓଏଲ୍‌ଏଲ୍‌ଓସି
ଭୁବନେଶ୍ୱର




## ବାର୍ତ୍ତା

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଏହାର ବାର୍ଷିକ ପତ୍ରିକା "ରତ୍ନମ୍ବରା' ପ୍ରକାଶ କରୁଥିବା ଜାଣି ବହୁତ ଆନନ୍ଦିତ । "ରତ୍ନମ୍ବରା' ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ମଧ୍ୟରେ ଥିବା ପାରସ୍ପରିକ ସଂପର୍କକୁ ଅଧିକ ନିବିଡ଼ କରାଇବା ସହିତ ସାହିତ୍ୟ ପ୍ରତି ଥିବା ରୁଚି ଓ ଏହାର ପରିପ୍ରକାଶ ପାଇଁ ସୁଯୋଗ ସୃଷ୍ଟି କରିଥାଏ।

ସାହିତ୍ୟ-ସଂସ୍କୃତି-ପରମ୍ପରାକୁ ଉଜ୍ଜୀବିତ କରିବା ଦିଗରେ "ରତ୍ନମ୍ବରା' ଏକ ମାଧ୍ୟମ ପାଲଟିବ ବୋଲି ଆଶାବାଦୀ। ଛାତ୍ର ଜୀବନକୁ କଲମ ମାଧ୍ୟମରେ ପରିସ୍ଫୁଟନ କରିବାରେ ଏହି ପତ୍ରିକା ଏକ ବଡ଼ ମାଧ୍ୟମ ହେବ ।

ପତ୍ରିକା ପ୍ରକାଶନ ଅବସରରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷା କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହାର ସର୍ବ ସଫଳତା କାମନା କରୁଅଛି।

ସୂର୍ଯ୍ୟବଂଶୀ ସୂରଜ

**(ସୂର୍ଯ୍ୟବଂଶୀ ସୂରଜ)**



ପ୍ରତିବର୍ଷ ପରି ଚଳିତ ବର୍ଷ (୨୦୨୫-୨୬) ମଧ୍ୟ ଆମ ମହାବିଦ୍ୟାଳୟର ମୁଖପତ୍ର 'ରତମ୍ଭରା' ପ୍ରକାଶିତ ହେବାକୁ ଯାଉଛି। ଏହାର ସୁପରିପ୍ରକାଶ ଓ ସଂସ୍କରଣର ବୃଦ୍ଧି ପାଇଁ ଶୁଭେଚ୍ଛା ଜଣାଉଛି। ଏଥିପାଇଁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକବୃନ୍ଦ ଓ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଧନ୍ୟବାଦ ଜଣାଉଛି।

ଶିକ୍ଷା କେବଳ ପାଠ୍ୟପୁସ୍ତକରେ ସୀମିତ' ନୁହେଁ, ଏହା ଜୀବନ ଗଢିବାର ଏକ ଅବିରତ ପ୍ରକ୍ରିୟା। ମହାବିଦ୍ୟାଳୟ ହେଉଛି ଜ୍ଞାନ, ଚିନ୍ତନ ଓ ସୃଜନଶୀଳତାର ଓ ମାନବୀୟ ମୂଲ୍ୟବୋଧ ଗଢିବାର ପ୍ରକୃଷ୍ଟ ତପୋଭୂମି। ଛାତ୍ରଛାତ୍ରୀମାନେ କେବଳ ପରୀକ୍ଷାରେ କୃତକାର୍ଯ୍ୟ ହେବା ନୁହେଁ, ବରଂ ଜୀବନକୁ ସୁସଂଗଠିତ, ଉତ୍ତମ ଚରିତ୍ରଗଠନ ଓ ନିଜ ଦୃଷ୍ଟିକୋଣକୁ ସମୃଦ୍ଧ କରିବାର ପ୍ରୟାସ ଜାରି ରଖିବା ଉଚିତ।

'ରତମ୍ଭରା' ହେଉଛି ସମସ୍ତଙ୍କର ଚିନ୍ତନ, ସ୍ୱପ୍ନ ଓ ସୃଜନଶୀଳତାର ଦର୍ପଣ। ଏହାର କଳେବରକୁ ସମୃଦ୍ଧ କରିଛି ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକାମାନଙ୍କ ଗଳ୍ପ, କବିତା, କଳା, ବାଣିଜ୍ୟ ଓ ବିଜ୍ଞାନର ଆଲୋଚନା ମୂଳକ ଲେଖା।

ଏହି ପତ୍ରିକାକୁ ବାସ୍ତବ ରୂପରେଖ ଦେବାରେ ଯେଉଁ ଅଧ୍ୟାପକ, ଅଧ୍ୟାପିକାମାନେ କଠିନ ପରିଶ୍ରମ କରିଛନ୍ତି ସେମାନଙ୍କୁ ମୁଁ ଅଭିନନ୍ଦନ ଜଣାଉଛି। ଶେଷରେ ସମସ୍ତଙ୍କ ଭବିଷ୍ୟତ ଉଜ୍ଜ୍ୱଳ ଓ ସଫଳ ହେଉ ଏହା ହିଁ ମୋର ଶ୍ରୀ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।

**ଶ୍ରୀମତୀ ଅମିତା ମହାନାୟକ**

**ଅଧ୍ୟକ୍ଷା**



# ସଂପାଦକୀୟ .......



ସଂସାରରେ ଜନ୍ମ ନେବାଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବ୍ୟକ୍ତି ପିତାମାତା, ବନ୍ଧୁ, ଗୁରୁଜନ ଏପରିକି ପ୍ରକୃତିର ପ୍ରତ୍ୟେକଟି ଜିନିଷରୁ ଶିକ୍ଷା ଲାଭ କରିଥାଏ। କ୍ଷୁଦ୍ର ପରିବାର, ଅନ୍ୟତ୍ର ରହଣୀ, ଅଧିକ ସମୟ ମୋବାଇଲରେ ମନୋନିବେଶ, କୋମଳମତୀ ଶିଶୁଟିକୁ ପ୍ରଥମରୁ ଉତ୍ତମ ଶିକ୍ଷାରୁ ବଞ୍ଚିତ କରିଥାଏ। ଫଳରେ ଆମେ ଶିଶୁଟିକୁ ବଡ଼ ହେବାପରେ ଆଉ ଆକଟ କରି ଭଲ ବାଟରେ ନେଇ ପାରୁନାହୁଁ। ୟୁଟ୍ୟୁବ୍ ଓ ଅନ୍ୟାନ୍ୟ ୱେବ୍ ସାଇଟର ଚିତ୍ର ଓ ସଂଳାପ ଦେଖି ଦେଖି ପିଲାଟି ବଡ଼ ହୋଇ ସେଇ କଥାକୁ ସମାଜର ଭିନ୍ନ ଶ୍ରେଣୀର ଲୋକମାନଙ୍କଠାରେ ପ୍ରୟୋଗ କରିଥାଏ। ସମୟର ତାଳ ଦେଇ ମନୁଷ୍ୟ ଚରିତ୍ର ବଦଳୁଛି ତଥା ଚାଲିଚଳନ ଆଚାର ବ୍ୟବହାରର ବ୍ୟାପକ ପରିବର୍ତ୍ତନ ଦେଖାଯାଉଛି। ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଉପଦେଶ ଶୁଣିବା ପାଇଁ ବା ସେମାନଙ୍କ କାର୍ଯ୍ୟଶୈଳୀକୁ ଆପଣେଇବା ପାଇଁ କାହା ପାଖରେ ଆଉ ସମୟ ନାହିଁ, ରକ୍ତ ମାଂସର ମନୁଷ୍ୟ ଯନ୍ତ୍ରମାନବ ବନିଯାଇଛି। ପୁସ୍ତକ ଅଧ୍ୟୟନ, ଲିଖନ ଆଉ ଛାତ୍ରଛାତ୍ରୀମାନଙ୍କ ପାଖରେ ଦେଖାଯାଉନାହିଁ। ମୋବାଇଲର ୟୁଟ୍ୟୁବ୍‌ରୁ ଭିଡ଼ିଓ ପାଠପଢା ଦେଖି ପିଲାମାନେ ସ୍କୁଲ, କଲେଜର ପରୀକ୍ଷା ଦେବାପାଇଁ ଯାଉଛନ୍ତି। ପୁସ୍ତକ ବିକ୍ରି ଓ ପ୍ରକାଶନ ମାତ୍ରା ହ୍ରାସ ଘଟିଛି, ଅଧିକାଂଶ ପୁସ୍ତକଭଣ୍ଡାରରେ ଏବେ ଖାତା, କଲମ, କିଛି ପ୍ରଶ୍ନୋତ୍ତର ବହି, ଅଫିସ୍ ଷ୍ଟେସନାରୀ ଇତ୍ୟାଦି ବିକ୍ରି ହେଉଛି। ସ୍କୁଲ ଓ କଲେଜ ଲାଇବ୍ରେରୀରେ କିଛି ହାତଗଣତି ଛାତ୍ରଛାତ୍ରୀ ପାଠ ପଢିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଆମେ ଜାଣୁ ଅନେକ ବ୍ୟକ୍ତିତ୍ୱ ନିଜ ଜୀବନରେ ପରାକାଷ୍ଠା ଦେଖାଇଛନ୍ତି କେବଳ ପିତାମାତା, ଗୁରୁଗୁରୁଜନଙ୍କ ପ୍ରଭାବରେ। ଆମ ପରିବେଶ ବି ଅନେକ କଳାକାର, ଡାକ୍ତର, ଇଂଜିନିୟର, ଶିକ୍ଷକ, ସମାଜସେବୀ ଗଢିଲାବେଳେ ଆଉକାହାକୁ ଚୋର ଓ ଆତଙ୍କବାଦୀ ବନେଇ ଦେଇଛି। ତେଣୁ ଜଣେ ଅଧ୍ୟାପକ ଓ ଅଧ୍ୟାପିକା ନିଜେ ଯେତେବେଳେ ଶିକ୍ଷାଦାନ କରୁଛନ୍ତି, ତା’ ପୂର୍ବରୁ ନିଜ ମନ ଭିତରୁ ସମସ୍ତ ନକରାତ୍ମକ ଭାବନା ତ୍ୟାଗ କରିବା ଉଚିତ୍। ଉଦାହରଣ ସ୍ୱରୂପ, ଗୁରୁ ରାମକୃଷ୍ଣ ପରମହଂସ ଜଣେ ରୋଗୀକୁ ମିଠା ନଖାଇବା ପାଇଁ ପରାମର୍ଶ ଦେବା ପୂର୍ବରୁ ସାତ ଦିନ ସମୟ ନେଇଥିଲେ, କେବଳ ନିଜେ ମିଠା ଖାଇବା ଛାଡିବା ପାଇଁ। ଆସନ୍ତୁ, ଆମେ ଶିକ୍ଷକ ସମାଜ ଏକ ଶୈକ୍ଷିକ ସମାଜ ସୃଷ୍ଟି କରିବା, ନିଜେ ଚରିତ୍ରବାନ ହୋଇ ଅହଂଭାବ ତ୍ୟାଗ କରି ମେଧାବୀ ଛାତ୍ର ନୁହେଁ ବରଂ ଚରିତ୍ରବାନ ଛାତ୍ର ସୃଷ୍ଟି କରିବା। ଇଣ୍ଟରନେଟ ସେବା, କୃତିମ ପ୍ରଜ୍ଞା, ଉନ୍ନତ ଯୁଦ୍ଧାସ୍ତ୍ରରେ ଆମେ ସିନା ଦ୍ରୁତଭାବରେ ପ୍ରଗତି ଲାଭ କରୁଛୁ ମାତ୍ର ତାହା ଅନ୍ତରର ଶାନ୍ତି, ସୃଜନଶୀଳ ସାମର୍ଥ୍ୟ ହରାଉଛି। ଯେଉଁଦିନ ସମାଜ ନୈତିକ ବଳ ଉପରେ ଅଧିକ ଭରଷା କରିବ, ସେଦିନ ଆମ ଶିକ୍ଷା ଶିଖର ଛୁଇଁବ।

ଶେଷରେ, ସଠିକ ସମୟରେ ଏହି ମୁଖପତ୍ର ପ୍ରକାଶ ପାଉଥିବାରୁ ସମସ୍ତ ଲେଖକ ଲେଖିକା, ସମ୍ପାଦନା ମଣ୍ଡଳୀ, ପ୍ରେସ କର୍ତ୍ତୃପକ୍ଷକୁ ମୋର ସାଧୁବାଦ ଜଣାଉଛି। ସର୍ବପରି ଅଧ୍ୟକ୍ଷା ଶ୍ରୀମତୀ ଅମିତା ମହାନାୟକଙ୍କ ଆଗ୍ରହ ଓ ପ୍ରଚେଷ୍ଟାରେ ଋତମ୍ଭରାର ପ୍ରକାଶନ ହେଉଥିବାରୁ, ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ମଧ୍ୟରେ ଉତ୍ସାହ ଭରିଯାଇଛି। ଶେଷରେ ଏ ମୁଖପତ୍ରର ସର୍ବ ସଫଳତା ପାଇଁ ଈଶ୍ୱରଙ୍କ ଠାରେ କାମନା କରୁଛି।

# Ó`ÿê¨¨tÿ


| Lÿ. Óó. | ÓÎ | | ÓÎæ | ¨Ïæ |
|---|---|---|---|---|
| S'ÿ¿ ¯ÿµÿæS: | | | | |
| ୦୧. | କ୍ୱାଣ୍ଟମ ଟନେଲିଂ- ପଦାର୍ଥବିଜ୍ଞାନ ୨୦୨୫ ନୋବେଲ୍ ପୁରସ୍କାର | ❖ | ଅମିତା ମହାନାୟକ | ୦୧ |
| ୦୨. | ଓଡ଼ିଶାର ସଂସ୍କୃତି | ❖ | ବିଦୁସ୍ମିତା ବିଶ୍ୱାଳ | ୦୩ |
| ୦୩. | ଆନନ୍ଦର ପରିଭାଷା ଏବଂ ଆନନ୍ଦର ଉତ୍ପତ୍ତିସ୍ଥଳ | ❖ | ଅଞ୍ଜନା ମହାନ୍ତି | ୦୫ |
| ୦୪. | ଆପେକ୍ଷିକ ତତ୍ତ୍ୱ ଓ ଆଧାତ୍ମିକତା | ❖ | ରଜତ କୁମାର ମାନସିଂହ | ୦୭ |
| ୦୫. | ନାରୀ ସଶକ୍ତିକରଣ ବନାମ ଏକବିଂଶ ଶତାବ୍ଦୀର ଭାରତୀୟ ନାରୀ | ❖ | ବବିତା ମହାପାତ୍ର | ୦୯ |
| ୦୬. | କର୍ମ ହିଁ ଭଗବାନ | ❖ | ଶୁଭସ୍ମିତା ବେହେରା | ୧୧ |
| ୦୭. | ଧନ ସାଥିରେ ଯାଏନାହିଁ | ❖ | ପ୍ରେମ ସ୍ୱରୂପ ଦାଶ | ୧୨ |
| ¨'ÿ¿ ¯ÿµÿæS : | | | | |
| ୦୧. | ଅଘଟଣ | ❖ | ରବୀନ୍ଦ୍ର ନାଥ ପାଢ଼ୀ | ୧୩ |
| ୦୨. | ତୁମେ ସାଥୀ ଯେବେ ଦେଖା ହୋଇଥିଲ | ❖ | ସ୍ୱପ୍ନା ବେହେରା | ୧୩ |
| ୦୩. | ତୁମେ | ❖ | ପ୍ରବୀର କୁମାର ବେହେରା | ୧୪ |
| ୦୪. | ସରକାରୀ କର୍ମଚାରୀ | ❖ | ମଞ୍ଜିଲି ଦାଶ | ୧୪ |
| ୦୫. | ପ୍ରକୃତି | ❖ | ସ୍ନିଗ୍ଧା ସ୍ୱରୂପା ବାରିକ | ୧୫ |
| ୦୬. | ପ୍ରଥମ ଦେଖା | ❖ | ବବିତା ସାଇଁ | ୧୫ |
| ୦୭. | ଶିକ୍ଷକ ସମାଜ | ❖ | ବିଷ୍ଣୁପ୍ରିୟା ସାହୁ | ୧୬ |
| ୦୮. | ଜୟ ଜଗନ୍ନାଥ | ❖ | ଗାୟତ୍ରୀ ଦଳାଇ | ୧୬ |
| ୦୯. | ହଜାର ରାତିର ସ୍ୱପ୍ନ | ❖ | ବିଷ୍ଣୁ ପ୍ରସାଦ ସାହୁ | ୧୭ |
| ୧୦. | ବର୍ଷା ଲୁହ ହୋଇ ଝରୁଛି | ❖ | ମଧୁସ୍ମିତା ବେହେରା | ୧୮ |
| ୧୧. | ଦୁନିଆ | ❖ | ପ୍ରିୟଙ୍କା ପ୍ରିୟଦର୍ଶୀନି ସାଇଁ | ୧୮ |
| ୧୨. | ପ୍ରକୃତି ମା' | ❖ | ପୂଜାରାଣୀ ବେହେରା | ୧୯ |
| ୧୩. | ଜୀବନର ଅଭିନୟ | ❖ | ଅଳକା ପ୍ରିୟଦର୍ଶୀନି ମାଝୀ | ୧୯ |
| ୧୪. | ଜୟ ଜଗନ୍ନାଥ | ❖ | ଦୁର୍ଗା ପ୍ରସାଦ ମିଶ୍ର | ୨୦ |
| ୧୫. | ମନର ବାଣୀ | ❖ | ବିଷ୍ଣୁ ଚରଣ ମହାନ୍ତି | ୨୦ |
| ୧୬. | ମୋ ହୃଦୟର ଜଗନ୍ନାଥ | ❖ | ଅଙ୍କିତା ଗ୍ରହାଚାର୍ଯ୍ୟ | ୨୧ |
| ୧୭. | ବାପା ତୁମ ପାଇଁ | ❖ | ମାନସୀ ଖୁଣ୍ଟିଆ | ୨୧ |
| ୧୮. | ଏକ ଝିଅର ଜୀବନ | ❖ | ସ୍ମିତିପ୍ରଜ୍ଞା ମିଶ୍ର | ୨୨ |
| ୧୯. | ବନ୍ଧୁତା | ❖ | ଗୀତା ସାଇଁ | ୨୨ |
| ୨୦. | ସହର ପୋଷାକେ ମୋ ଗାଁ | ❖ | ଜ୍ଞାନ ରଞ୍ଜନ ମାଝୀ | ୨୩ |
| ୨୧. | ନାରୀ | ❖ | ନମିତା ଦାଶ | ୨୩ |
| ୨୨. | ମୋ ମାଟିର ସୁଗନ୍ଧ | ❖ | ସଙ୍ଗୀତା ସାହୁ | ୨୪ |
| ୨୩. | ଜୀବନ | ❖ | ଗୌତମ ମାହାରି | ୨୪ |

| Sl. No. | Title | Author | Page No. |
|---|---|---|---|
| **PROSE** | | | |
| 01. | THE SECRET LIVES OF URBAN WILDLIFE: NATURE'S SURVIVORS IN THE CONCRETE JUNGLE | ❖ Pradeep Kumar Dash | 25 |
| 02. | SIGNIFICANCE OF LESSON PLANNING FOR A TEACHER | ❖ Swapnarani Mishra | 27 |
| 03. | THE ART OF LOVE | ❖ Jyotirmayee Acharya | 30 |
| 04. | ESCAPING THE MIDDLE-INCOME TRAP: INDIAï¿½S RACE AGAINST ECONOMIC STAGNATION | ❖ Silpika Moharana | 31 |
| 05. | REIMAGINING INDIA'S HIGHER EDUCATION UNDER NEP 2020 | ❖ Diptimayee Dash | 35 |
| 06. | GENDERED INTERPRETATIONS OF MYTH IN INDIAN LITERATURE | ❖ Sahista Parween | 38 |
| 07. | EFFECT OF MARINE TRANSGRESSION IN COASTAL AREA PURI | ❖ Mamatarani Swain | 44 |
| 08. | THE CRIMSON DREAM: 68 YEARS OF GREEN SERENITY | ❖ Subhransu Sekhar Sahoo | 45 |
| 09. | ROOTS OF WISDOM: INDIAN KNOWLEDGE SYSTEM AND STUDENT MORALITY | ❖ Jnana Ranjan Mohanty | 46 |
| 10. | IRON METALLOGENY RELATED TO IRON ORE SUPERGROUP OF ORISSA | ❖ Manas Ranjan Swain | 48 |
| **POETRY** | | | |
| 01. | WHISPERS OF HOPE | ❖ Pushpita Rajaguru | 50 |
| 02. | ECHOES OF KARMA | ❖ Smruti Ranjan Paikaray | 51 |
| 03. | BE A PUPIL | ❖ Asit Kumar Mohanty | 53 |
| 04. | SCREEN AND STUDY | ❖ Dikshya Mohapatra | 55 |
| 05. | THE FIRE CALLED MOTHER | ❖ Gopal Dhanuka | 56 |


❖❖❖



# କ୍ୱାଣ୍ଟମ ଟନେଲିଂ- ପଦାର୍ଥବିଜ୍ଞାନ ୨୦୨୫ ନୋବେଲ୍ ପୁରସ୍କାର

✍ ଶ୍ରୀମତୀ ଅମିତା ମହାନାୟକ
ଅଧ୍ୟକ୍ଷା

ଅକ୍ଟୋବର ୭, ୨୦୨୫ । ସେଦିନ ସିଡେନ୍‌ରେ ପଦାର୍ଥ ବିଜ୍ଞାନର ନୋବେଲ୍ ସମ୍ମାନ ଘୋଷଣା କରାଯାଇଥିଲା । ଏହି ସମ୍ମାନର ଅଧିକାରୀ ହୋଇଥିଲେ ତିନିଜଣ ପ୍ରସିଦ୍ଧ ପଦାର୍ଥବିଜ୍ଞାନୀ ଜନ୍‌କ୍ଲାର୍କ (John Clarke, University of California), ମିଶେଲ୍ ହେନ୍ରି ଡେଭୋରେଟ୍ (Michel H. Devoret, Yale University) ଏବଂ ଜନ୍ ମାର୍ଟିନିସ୍ (John M. Martinis, University of Callifornia) । ଏହି ଘୋଷଣା ପଦାର୍ଥ ବିଜ୍ଞାନ ଜଗତରେ ଏକ ଚହଳ ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବନି ।

**ସେମାନଙ୍କର ଗବେଷଣାର ବିଷୟବସ୍ତୁ କ'ଣ ?**

ଦୀର୍ଘଦିନର ଗବେଷଣା ମଧ୍ୟରୁ ସେମାନେ ପ୍ରମାଣ କରିଛନ୍ତି ଯେ କ୍ୱାଣ୍ଟମ (ଇଲେକ୍ଟ୍ରନ, ପ୍ରୋଟନ୍ ଇତ୍ୟାଦି) ଜଗତରେ ଯେପରି 'କ୍ୱାଣ୍ଟମ୍ ଟନେଲିଂ' (Quantum Tunnelling) ଏବଂ ଶକ୍ତିର ଅଣୁସ୍ତରୀକରଣ (Energy Quantisation) ଆଚରଣ ଦେଖାଯାଇଥାଏ ସେହିପରି ବୃହତ୍ ଜଗତ (Macroscopic World)ରେ ମଧ୍ୟ ଉପରୋକ୍ତ ଆଚରଣ ଦେଖାଯାଇପାରେ ।

**କ୍ୱାଣ୍ଟମ୍ ଟନେଲିଂ କ'ଣ ?**

ସରଳଭାଷାରେ ବୁଝିବାକୁ ଗଲେ, ମନେକର ଏକ ବଲ୍‌କୁ ଏକ ପାହାଡର ତଳୁ ଉପରକୁ ଠେଲିଦିଆଯାଏ । ଯଦି ବଲ୍‌ରେ ପର୍ଯ୍ୟାପ୍ତ ପରିମାଣର ଶକ୍ତି ନଥାଏ ତେବେ ବଲ୍‌ଟି ପାହାଡର ଶୀର୍ଷକୁ ନଯାଇ ତଳକୁ ଖସି ଆସିବ । ଏହା ସାଧାରଣ ପଦାର୍ଥ ବିଜ୍ଞାନ (Classical Physics) ର ନିୟମ । କିନ୍ତୁ କ୍ୱାଣ୍ଟମପଦାର୍ଥ ବିଜ୍ଞାନ (Quantum Physics) କୁହେ ଯେ ଏକ କ୍ଷୁଦ୍ର କଣିକା (ଯେପରି ଇଲେକ୍ଟ୍ରନ୍) ପର୍ଯ୍ୟାପ୍ତ ଶକ୍ତି ନ ଥାଇ ମଧ୍ୟ ପାହାଡର ଅପର ପାର୍ଶ୍ୱକୁ ନ ଚଢି ସୁଡଙ୍ଗ (Tunnel) ସୃଷ୍ଟି କରିଯାଇପାରେ । ଏଠାରେ ଇଲେକ୍ଟ୍ରନ ପାଇଁ ପାହାଡ ଏକ ଉଚ୍ଚ ଶକ୍ତିରୂପକ ବାଧା (High Ppotential Barrier) । ଏହି ଅସାଧାରଣ ଘଟଣାକୁ କୁହାଯାଏ, କ୍ୱାଣ୍ଟମ୍ ଟନେଲିଂ(Quantum Tunnelling) ।

'କ୍ୱାଣ୍ଟମ ଟନେଲିଂ'ର ଜ୍ୱଳନ୍ତ ଉଦାହରଣ ହେଉଚି ରେଡିଓ ଆକ୍ଟିଭ (Radio Active) ପଦାର୍ଥରୁ ବିକିରଣ ହେଉଥିବା ଆଲ୍‌ଫା କଣିକା (α-Particle) । ଏକ ଅସ୍ଥିର (Unstable) ୟୁରାନିୟମ୍ (Uranium) ପରମାଣୁର ଉଚ୍ଚଶକ୍ତି ସମ୍ପନ୍ନ ପ୍ରାଚୀର (Potential Barrier) ଭେଦକରି ସ୍ୱଳ୍ପଶକ୍ତି ବିଶିଷ୍ଟ ଆଲ୍ଫା କଣିକାମାନ ବାହ୍ୟଜଗତକୁ ବିକିରଣ ହୋଇପାରନ୍ତି । ଅନ୍ୟ ଏକ ବଳିଷ୍ଠ ଉଦାହରଣ ହେଉଛି ସୂର୍ଯ୍ୟର ଅନ୍ତରୀଣ (Core)ରେ 'କ୍ୱାଣ୍ଟମ ଟନେଲିଂ' ଦ୍ୱାରା ହାଇଡ୍ରୋଜେନ୍ ନିଉକ୍ଲିଅସ୍ ଗୁଡ଼ିକ ଫିଉଜନ୍ (Fusion) ପ୍ରକ୍ରିୟା ଘଟାଇଥାନ୍ତି । ସେହିପରି ଟନେଲ୍ ଡାୟୋଡ୍ (Tunnel Diode) ସ୍କାନିଙ୍ଗ୍ ଟନେଲିଂ ମାଇକ୍ରୋସ୍କୋପ (Scanning Tunnelling Microscope) ପରିଯନ୍ତ୍ର ଇଲେକ୍ଟ୍ରନ୍ ଟନେଲିଂ ପ୍ରକ୍ରିୟା ଦ୍ୱାରା କାର୍ଯ୍ୟ କରିଥାନ୍ତି ।

**କ୍ଲାର୍କ ଡେଭୋରେଟ୍ ଓ ମାର୍ଟିନିସ୍ ପରୀକ୍ଷା କ'ଣ ?**

ଏହି ତିନିଜଣ ପଦାଥବିଜ୍ଞାନୀ ସେମାନଙ୍କ ଗବେଷଣାଗାରରେ ଏକ ବିଶେଷ ବିଦ୍ୟୁତ ସର୍କିଟ ତିଆରି କରିଛନ୍ତି । ଏହି ବିଦ୍ୟୁତ ସର୍କିଟ୍‌ରେ ଦୁଇଟି ସୁପରକଣ୍ଡକ୍ଟର(Super Conductor) ମଧ୍ୟରେ ଏକ ଅତି ପତଳା ଅବରୋଧ (Resistance) ଦିଆଯାଇଛି, ଯାହାକୁ ଜୋସେଫସନ୍ ଜଙ୍କସନ୍ (Josephson Junction) କୁହାଯାଏ । ଏହା ବିଦ୍ୟୁତ୍ କୁପରିବାହୀ(Insulator) ଅଟେ । ପଦାର୍ଥବିଜ୍ଞାନର ନିୟମ ଅନୁଯାୟୀ ବିଦ୍ୟୁତ ସ୍ରୋତ (Electric Current) ଏହା ମଧ୍ୟଦେଇ ପ୍ରବାହ କରିପାରିବ ନାହିଁ । କିନ୍ତୁ ଦେଖାଗଲା ଯେ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଲକ୍ଷ ଲକ୍ଷ ଇଲେକ୍ଟ୍ରନ୍‌ର ଯୋଡି (Cooper Pairs) ଏହି ଅବରୋଧକୁ 'ଟନେଲିଂ' କରି ଅତିକ୍ରମ କରୁଛନ୍ତି ଓ ପ୍ରବାହିତ ହେଉଥିବା ବିଦ୍ୟୁତ୍‌ପ୍ରବାହକୁ ଅତିପରିବାହୀ ପ୍ରବାହ (Super Current) କୁହାଯାଏ । ଏହି ପରୀକ୍ଷଣ (Experiment)ରୁ ପ୍ରମାଣ ହେଲା "କ୍ୱାଣ୍ଟମ୍ ଟନେଲିଂ" ଆଚରଣଟି କେବଳ ଏକ ସୂକ୍ଷ୍ମକଣିକା (Quantum) ଦେଖାଏନାହିଁ, ବରଂ ଅନେକଲକ୍ଷ କଣିକାର ସମାହାର ଏକ ବୃହତ୍ ସିଷ୍ଟମ୍ (Macroscopic System) ଏହି ଆଚରଣ ଦେଖାଇପାରୁଛି ।

ଏହି ଆବିଷ୍କାର ଯୋଗୁଁ ସ୍ପଷ୍ଟ ହେଲା ଯେ କ୍ୱାଣ୍ଟମ୍ ଘଟଣାଗୁଡ଼ିକ କେବଳ ସୂକ୍ଷ୍ମ ଜଗତର ନୁହେଁ, ସ୍ଥୂଳଜଗତରେ ମଧ୍ୟ ଘଟିପାରେ ଏବଂ ବ୍ୟବହାର ଯୋଗ୍ୟ ହୋଇପାରେ ଏହା ମାନବଜ୍ଞାନ ଓ ଆବିଷ୍କାର ଶକ୍ତିର ଏକ ଅଦ୍ଭୁତ ପ୍ରମାଣ ।

**ଏହା କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ?**

ଏହି ଆବିଷ୍କାର ଦ୍ୱାରା ଅନେକ ସୁଫଳ ମିଳିବାର ସମ୍ଭାବନା ସୃଷ୍ଟି ହୋଇଛି । ପ୍ରଥମତଃ କ୍ୱାଣ୍ଟମ ବିଜ୍ଞାନର ସୀମା ବିସ୍ତାରିତ ହେଲା । ଦ୍ୱିତୀୟରେ 'କ୍ୱାଣ୍ଟମ କମ୍ପ୍ୟୁଟର' ଗଠନର ଭିତ୍ତିପ୍ରସ୍ତୁତ ହେଲା । ଶେଷରେ ନୂତନ ପ୍ରକାରର ଦିଗ ଉନ୍ମୋଚିତ ହେଲା ।

ସାଧାରଣରେ ଏକ ପ୍ରଶ୍ନ ଉଠେ ଯେ ଅଦୃଶ୍ୟ କ୍ୱାଣ୍ଟମ ଜଗତ ଓ ଦୃଶ୍ୟମାନ ସାଧାରଣ ଜଗତ ମଧ୍ୟରେ ସୀମା (Boundary) ନିର୍ଦ୍ଧାରଣ ହୋଇପାରିବ କି ? ଏହାର ଉତ୍ତର ବର୍ତ୍ତମାନ ଆମେ 'ନା'(No) ବୋଲି କହିପାରିବା । ଏହି ବିଜ୍ଞାନୀମାନେ ଦେଖାଇଦେଲେ ଯେ ଏକ ବୃହତ୍ ବ୍ୟବସ୍ଥା (Macrosystem) 'କ୍ୱାଣ୍ଟମଟନେଲିଂ' ଆଚରଣ ଦେଖାଇପାରେ ଯାହାକୁ ଆମେ କେବଳ କ୍ୱାଣ୍ଟମଦ୍ୱାରା ସମ୍ଭବ ବୋଲି ଭାବୁଥାଉ । ଆହୁରି ମଧ୍ୟ ଅତି ସ୍ୱଳ୍ପ ଶକ୍ତି (Energy)ର ପରିବର୍ତ୍ତନ ହେଲେ ବୃହତ୍ ବ୍ୟବସ୍ଥାଟି ସ୍ୱୟଂ ଅନ୍ୟ ଏକ ଶକ୍ତି ସ୍ତର (Energy Level) କୁ ଯାଇପାରେ । ଏହାକୁ ଶକ୍ତି ଅଣୁସ୍ତରୀକରଣ (Energy Quantisation) କୁହାଯାଏ । 'କ୍ୱାଣ୍ଟମ୍ କମ୍ପ୍ୟୁଟର ଗଠନର ଏହାହିଁ ମୂଳତତ୍ତ୍ୱ' ।

**ବର୍ତ୍ତମାନ ଯୁଗରେ ଏହାର ପ୍ରୟୋଗ:-**

'କ୍ୱାଣ୍ଟମ ଟନେଲିଂ' ଓ ସୁପରକଣ୍ଡକ୍ଟର ଦ୍ୱାରା ବିଦ୍ୟୁତ୍ ସର୍କିଟ୍ ଗୁଡ଼ିକ ଭବିଷ୍ୟତର 'କ୍ୱାଣ୍ଟମ କମ୍ପ୍ୟୁଟର' ଗଠନର ଆଧାର । ସାଧାରଣ କମ୍ପ୍ୟୁଟର ବାଇନାରୀ ବିଟ୍ ('0' ଓ '1') ରେ କାମକରେ । କିନ୍ତୁ କ୍ୱାଣ୍ଟମ କମ୍ପ୍ୟୁଟର କ୍ୟୁବିଟ୍ ଦ୍ୱାରା କାମକରେ ଯେଉଁଠି '0' ଓ '1' ଏକା ସାଙ୍ଗରେ ରହିପାରନ୍ତି । ଏହାଦ୍ୱାରା ଗଣନା (Calculation)ର ଗତି ଦ୍ରୁତରେ ହୋଇଥାଏ । ଆଗାମୀ ଦିନରେ ଏହାର ପ୍ରଯୁକ୍ତି ଡାକ୍ତରୀ, ରାସାୟନିକ ଅନୁସନ୍ଧାନ, ନିରାପଦ ଯୋଗାଯୋଗ ଓ ଅନ୍ୟାନ୍ୟ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ ।

**ସମସ୍ୟା ଓ ଚାଲେଞ୍ଜ:-**

'କ୍ୱାଣ୍ଟମ ଟନେଲିଂ' ପ୍ରକ୍ରିୟା ଅତି ସୂକ୍ଷ୍ମସ୍ତରରେ ଘଟିଥାଏ । ଏକ ବୃହତ୍ ସିଷ୍ଟମରେ ଏହାର ପ୍ରୟୋଗବେଳେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ । ପ୍ରଥମ ଚାଲେଞ୍ଜ ହେଲା 'ଟନେଲିଂ' ଆଧାରିତ ଉପକରଣ (ଯେପରି ଟନେଲ୍‌ଡାୟୋଡ୍ କିମ୍ବା କ୍ୱାଣ୍ଟମ ବିଟ୍)ର ସ୍ଥିରତା(Stability) । ସାଧାରଣ ତାପମାନରେ ଏମାନେ ସ୍ଥିର ନୁହଁନ୍ତି । ସେଗୁଡ଼ିକୁ ଚଳାଇବା ପାଇଁ ଅତ୍ୟଧିକ ଶୀତଳ ତାପମାନ (Absolute Zero Temperature) ଦରକାର ପଡେ । ବାହ୍ୟ ତାପ, କମ୍ପନ, ଇଲେକ୍ଟ୍ରିକ୍ ନଏଜ୍ (Noise) ଇତ୍ୟାଦିର ପ୍ରଭାବ 'କ୍ୱାଣ୍ଟମ ସଂହତି' (Quantum Coherence)କୁ ଭାଙ୍ଗିଦେଇପାରେ । କ୍ୱାଣ୍ଟମ ଗଣନାର ଏହା ସବୁଠାରୁ ବଡ଼ ବାଧା ।

ଟନେଲିଂ ପାଇଁ ଉପଯୁକ୍ତ ସୁପର କଣ୍ଡକ୍ଟିଂ ବା ନାନୋମାଟେରିଆଲ୍ ତିଆରି କରିବା ଅତ୍ୟନ୍ତ ଦୁର୍ଲଭ । ଏହି ସିଷ୍ଟମ ଗୁଡିକର ନିର୍ମାଣ ଓ ସୁରକ୍ଷିତ ରଖିବାର ଖର୍ଚ୍ଚ ଖୁବ୍ ଅଧିକ । ତଥାପି ଏତେସବୁ ଚାଲେଞ୍ଜ ଭିତରେ ଏହି ବିଜ୍ଞାନୀମାନଙ୍କର କାର୍ଯ୍ୟ ଆଗାମୀ ପିଢ଼ିପାଇଁ ଏକ ସୁଦୃଢ ଭିତ୍ତିଭୂମି ସ୍ଥାପନ କରିପାରିବ ।

**କ୍ୱାଣ୍ଟମ ଟନେଲିଂର ଇତିହାସ :-**

କ୍ୱାଣ୍ଟମ ଟନେଲିଂ ବିଷୟଟି ନୂତନ ନୁହେଁ । ୧୯୩୦ ଦଶକରୁ ଏହା ଉପରେ ଅନେକ ତଥ୍ୟ ଜଣାଥିଲା । ଗାମୋଙ୍କ ରେଡିଓ ଆକ୍ଟିଭ ବିକିରଣ (Radioactive Decay)ର ତଥ୍ୟ ଏହି ରହସ୍ୟକୁ ଉନ୍ମୋଚନ କରିଥିଲା । କିନ୍ତୁ ବର୍ତ୍ତମାନ ଯେତେବେଳେ ଏହି ତିନି ପଦାର୍ଥ ବିଜ୍ଞାନୀ 'କ୍ୱାଣ୍ଟମ ଟନେଲିଂ'କୁ ବଡ଼ ବିଦ୍ୟୁତ ସର୍କିଟ୍‌ରେ ପ୍ରମାଣ କଲେ, ତାହା ସାଧାରଣ ରୂପରେ ମାନବ ଜଗତ ସହ ଯୋଡି ହୋଇଗଲା । ଏହାଦ୍ୱାରା କ୍ୱାଣ୍ଟମ ବିଜ୍ଞାନ (Quantum Science) ଆଜି ଆଉ ରହସ୍ୟମୟ ନରହି ପ୍ରୟୋଗ ବିଜ୍ଞାନ (Applied Science)ରେ ପରିଣତ ହେଲା ।

**ଶେଷରେ:-** ଏହି ତିନି ପଦାର୍ଥବିଜ୍ଞାନୀମାନଙ୍କ ଆବିଷ୍କାର ମନୁଷ୍ୟର ଚିନ୍ତାଧାରାରେ ଗଭୀର ଆଲୋଡନ ସୃଷ୍ଟି କରିଛି । ଏହା ଦେଖାଇଛି ଯେ ଏକ କ୍ଷୁଦ୍ର ପଦାର୍ଥର ସୀମା ନିର୍ଦ୍ଦିଷ୍ଟ ନୁହେଁ ତାହାର ନିୟମ (Principles) ସମଗ୍ର ବିଶ୍ୱକୁ ପ୍ରଭାବିତ କରିପାରେ ।

ପ୍ରତିଟି ଅଣୁ ଓ ପରମାଣୁରେ ଏକ ଅଜଣା ସମ୍ଭାବନା ଲୁକ୍କାୟିତ ଥାଏ, ଯାହାକି ଭବିଷ୍ୟତରେ ମାନବର କଲ୍ୟାଣ ସାଧନ କରିଥାଏ । ଏହି ବର୍ଷର ପଦାର୍ଥବିଜ୍ଞାନର ନୋବେଲ୍ ପୁରସ୍କାର ବିଶ୍ୱକୁ ଏକ ନୂତନ କ୍ୱାଣ୍ଟମ ଯୁଗରେ ପ୍ରବେଶ କରାଇଛି । ଦ୍ରୁତତର କମ୍ପ୍ୟୁଟର, ନିଖୁଣ ମାପଯନ୍ତ୍ର, ନିରାପଦ ଯୋଗାଯୋଗ ଓ ସଠିକ୍ ତଥ୍ୟର ସ୍ୱପ୍ନ ସାକାର ହେବାର ସମୟ ପହଞ୍ଚି ଯାଇଛି ।

❖❖❖





# ଓଡ଼ିଶାର ସଂସ୍କୃତି

✍ **ବିଦୁସ୍ମିତା ବିଶ୍ୱାଳ**
+୩ ୧ମ ବର୍ଷ ଛାତ୍ରୀ, ଓଡ଼ିଆ ବିଭାଗ

ଭାରତର ସଭ୍ୟତା ଖୁବ୍ ପ୍ରାଚୀନ । ଯୁଗେ ଯୁଗେ କେତେ ମୁନିଋଷି ଓ ମହାପୁରୁଷ ଏ ମାଟିରେ ଜନ୍ମଗ୍ରହଣ କରି ଏହାର ସଂସ୍କୃତିକୁ ପରିପୃଷ୍ଟ କରିଛନ୍ତି । ଭାରତୀୟ ସଂସ୍କୃତିର ଆଧାର ହେଉଛି ଆଧ୍ୟାତ୍ମିକତା । ଭାରତୀୟମାନଙ୍କର ବ୍ୟକ୍ତିଗତ ଓ ସାମାଜିକ ଆଦର୍ଶ ତଥା ବିଜ୍ଞାନ, ସାହିତ୍ୟ, ସଙ୍ଗୀତ, ଚିତ୍ରକଳା, ସ୍ଥାପତ୍ୟ, ଧର୍ମ, ଶିକ୍ଷା ଇତ୍ୟାଦି ସମସ୍ତ ସାଂସ୍କୃତିକ ବିଭବ ମୂଳରେ ଆଧ୍ୟାତ୍ମିକ ଭାବଧାରା ନିହିତ । ଏହି ଉଚ୍ଚ ଆଦର୍ଶବୋଧ ପାଇଁ ଭାରତୀୟମାନେ ଏକ ବିଶିଷ୍ଟ ଜାତିରୂପେ ବିଶ୍ୱରେ ପରିଚିତ । ଆମ ଓଡ଼ିଶାର ସଂସ୍କୃତି ଏହି ମହାନ ଭାରତୀୟ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ ।

ସଂସ୍କାର ସମ୍ପନ୍ନ ସାମଗ୍ରିକ ଜୀବନର ପାରମ୍ପରିକ ମୂଲ୍ୟବୋଧ ହେଉଛି ସଂସ୍କୃତି । ଅର୍ଥାତ୍ ସାମାଜିକ ଜୀବନର ପରମ୍ପରା ଆଦର୍ଶ ଓ ରୀତିନୀତିକୁ ଆମେ ସଂସ୍କୃତି ବୋଲି କହିପାରିବା । କୁହାଯାଏ ଯେଉଁ ଜାତିର ଚିନ୍ତାଧାରା, ଜ୍ଞାନ, ସୃଜନୀଶକ୍ତି ଓ ଆତ୍ମବିଶ୍ୱାସ ଯେତେ ବିସ୍ତୃତ ସେ ଜାତିର ସଂସ୍କୃତି ସେତେ ଉନ୍ନତ । ଓଡ଼ିଶା ମଧ୍ୟ ଆପଣାର ସ୍ୱତନ୍ତ୍ର ଆଦର୍ଶ ଓ ପରମ୍ପରାକୁ ନେଇ ସମଗ୍ର ବିଶ୍ୱରେ ଖ୍ୟାତିଲାଭ କରିଛି । ଓଡ଼ିଶାର ସଭ୍ୟତା ସଂସ୍କୃତି ଅତି ଉଚ୍ଚ କୋଟୀର ।

ଓଡ଼ିଶା ବା ଉତ୍କଳ ସଂସ୍କୃତିକୁ ସମୃଦ୍ଧ କରିଛି ଏହାର ଐତିହାସିକ ଘଟଣାବଳୀ । ଓଡ଼ିଶା ତା'ର ଓଡ଼ିଆ ଜାତିର ବୀରତ୍ୱ ଏବଂ ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଅନ୍ୟପାଖରେ ପ୍ରାଣତ୍ୟାଗ କରିବା ଯୋଗୁଁ ସମଗ୍ର ବିଶ୍ୱରେ ଖ୍ୟାତିଲାଭ କରିଛି । ଏହି ଓଡ଼ିଶାରେ ସମ୍ରାଟ ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ । ସମଗ୍ର ବସୁଧାକୁ ଗୋଟିଏ କୁଟୁମ୍ବ ଭାବି ସମୁଦାୟ ମାନବଜାତିର ସୁଖ କାମନା କରିବା ଓଡ଼ିଆ ସଂସ୍କୃତିର ମୂଳ ଆଦର୍ଶ ।

ଓଡ଼ିଶାର ସଂସ୍କୃତି ସହିତ ପର୍ବପର୍ବାଣି ଗୁଡ଼ିକ ଅତିବ ମନୋହର । କଥାରେ ଅଛି ଓଡ଼ିଆମାନେ ବାର ମାସରେ ତେର ପରବ ପାଳନ କରିଥାନ୍ତି । ଆନନ୍ଦ ଉତ୍ସବ ସହିତ ପ୍ରତ୍ୟେକ ପର୍ବକୁ ପାଳନ କରନ୍ତି । ଜଗତର ହିତ ସାଧନ କରିବା ହେଉଛି ଏହି ପୂଜାପାର୍ବଣର ମୂଳ ଲକ୍ଷ୍ୟ । ଏହା ଦ୍ୱାରା ସତ୍ୟ, ନିଷ୍ଠା, ପବିତ୍ରତା ଆଦିର ବିକାଶ, ଘଟିବା ସହିତ ସମାଜରେ ପରସ୍ପର ମଧ୍ୟରେ ମିତ୍ରତା, ଭାଇଚାରା ଆଦି ବୃଦ୍ଧି ପାଏ । ମହାପ୍ରସାଦ, ମକର ଚାଉଳ, ଆମ୍ବ ବଉଳ, ତୁଳସୀ ଇତ୍ୟାଦି ଦେଇ ବନ୍ଧୁ ହେବା ଓଡ଼ିଶାର ଏକ ପ୍ରାଚୀନ ପରମ୍ପରା । ଓଡ଼ିଶାବାସୀମାନେ କେବଳ ଆନନ୍ଦ ଉତ୍ସବ ପାଇଁ ପର୍ବପର୍ବାଣି ପାଳନ କରନ୍ତି ତାହା ନୁହେଁ କୃଷିର ଉନ୍ନତି ପାଇଁ ନୀରୋଗ ହେବାପାଇଁ ଏବଂ ପ୍ରକୃତିର ସହାନୁଭୂତି ଲାଭ ପାଇଁ ସାରାବର୍ଷ ଧରି ନାନାଦି ପର୍ବପାଳନ କରନ୍ତି । ଏହି ମର୍ମରେ ଟଲଷ୍ଟୟ କହିଛନ୍ତି-

"A Nation is known by its common festivals. Festival is mirror of cultural mind of a human race."

ଓଡ଼ିଶାବାସୀମାନେ ମକର ସଂକ୍ରାନ୍ତି, ବସନ୍ତ ପଞ୍ଚମୀ, ହୋଲି, ପଣାସଂକ୍ରାନ୍ତି, ରଜ, ନୂଆଖାଇ, ଦୁର୍ଗାପୂଜା, ଦୀପାବଳି, ବୋଇତ ବନ୍ଦାଣ, ଧନୁ ସଂକ୍ରାନ୍ତି, ଲକ୍ଷ୍ମୀ-ମାଣବସା ଇତ୍ୟାଦି ପର୍ବ ଗୁଡ଼ିକୁ ଅତି ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି ।

ଓଡ଼ିଶାରେ ରହିଥିବା ଶିଳାଲିପି ଓ ମନ୍ଦିରର କାରୁକାର୍ଯ୍ୟ ବିଶ୍ୱ ପ୍ରସିଦ୍ଧ ଅଟେ । କୋଣାର୍କର ସୂର୍ଯ୍ୟମନ୍ଦିର, ପୁରୀର ଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଓ ରାଜାରାଣୀ ମନ୍ଦିରର କାରୁକାର୍ଯ୍ୟ ବିସ୍ମୟକର ଏବଂ ରହସ୍ୟପୂର୍ଣ୍ଣ ମଧ୍ୟ । ଏହି ମନ୍ଦିରର କାରୁକାର୍ଯ୍ୟ ଓ ଖୋଦିତ ମୂର୍ତ୍ତି ଏବଂ ଚିତ୍ରକଳାକୁ ସ୍ୱଚକ୍ଷୁରେ ଦେଖିବା ପାଇଁ ପ୍ରତିଦିନ ଶହଶହ ପର୍ଯ୍ୟଟକ ଓଡ଼ିଶାକୁ ଆସୁଛନ୍ତି । ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ସମସ୍ତ ଓଡ଼ିଆଙ୍କ ଆରାଧ୍ୟ ଦେବତା । ଏହି ମନ୍ଦିର ବିଶ୍ୱ ପ୍ରସିଦ୍ଧ । ଚାରିଧାମ ମଧ୍ୟରୁ ଜଗନ୍ନାଥ ଧାମ ଅନ୍ୟତମ । ତେଣୁ ଓଡ଼ିଶା ହେଉଛି ଏକ ମହାନ ଧାର୍ମିକ, ପରମ୍ପରା, ସାଂସ୍କୃତିକ ଓ କାରୁକାର୍ଯ୍ୟ ପୂର୍ଣ୍ଣ ରାଜ୍ୟ । ଓଡ଼ିଶାର ପୁରପଲ୍ଲୀରେ ଆଜି ମଧ୍ୟ ଖେଚଡ଼ି, ପଖାଳ, ବଡିଚୁରା, ବେସର ପତ୍ରପୋଡା, ମହୁଡା, ରସଗୋଲା, ଛେନାପୋଡ ଭଳି ସୁସ୍ୱାଦୁ ଓ ପୁଷ୍ଟିକରଖାଦ୍ୟ ସମସ୍ତଙ୍କ ପ୍ରିୟ । ଏତଦ୍ ବ୍ୟତୀତ ପ୍ରଭୁ ଜଗନ୍ନାଥଙ୍କ ୫୬ ଭୋଗ ପାଇଁ ଓଡ଼ିଶାର ସଂସ୍କୃତିକୁ ରୁଦ୍ଧିମନ୍ତ କରିଛି । କବିଙ୍କ ଭାଷାରେ:-

"ଗରିମା ମୟ ମୋ ଜାତି ଇତିହାସ
ବୀରତ୍ୱର ଗାଥା ଗାଏ
ସଂସ୍କୃତି ମହାନ୍ ପରମ୍ପରା ତାର
ଜୀବନର କଥା କହେ ।"

× × × × × ×

ଓଡ଼ିଶାର ଭାଷା ସାହିତ୍ୟ ପୃଥିବୀର ଅନ୍ୟତମ ଭାଷାଗୁଡିକର ମଧ୍ୟରେ ଅନ୍ୟତମ । ଓଡ଼ିଆ ଭାଷାରେ ରଚିତ ମହାଭାରତ, ରାମାୟଣ, ଭାଗବତ ତଥା ବହୁ ପୁରାଣ କାବ୍ୟ କବିତା ଓଡ଼ିଶାର ସଂସ୍କୃତିକୁ ସମୃଦ୍ଧ

କରିଛି । ଆମ କଳା ଓ ସଂସ୍କୃତି ପାଇଁ ବିଶ୍ୱ ଦରବାରରେ ପରିଚିତ । ଓଡ଼ିଶାର କାରୁଶିଳ୍ପ ମଧ୍ୟ ଅତି ଉଚ୍ଚକୋଟୀର, ଯେପରିକି ସୁନା, ରୂପାର ତାରକସି କାମ, ମୃଣ୍ମୟ ଶିଳ୍ପ, ଶିଙ୍ଗରୁ ତିଆରି ବିଭିନ୍ନ ପଦାର୍ଥ ଚାନ୍ଦୁଆ ଇତ୍ୟାଦି ବିଶ୍ୱ ପ୍ରସିଦ୍ଧ ।

ଓଡ଼ିଶାର ବସ୍ତ୍ରଶିଳ୍ପ ସମଗ୍ର ପୃଥିବୀର ଆଦରଲାଭ କରିଛି । ସମ୍ବଲପୁର, ବ୍ରହ୍ମପୁର ଓ ନୂଆପାଟଣାର ହାତବୁଣା ବସ୍ତ୍ର ଓଡ଼ିଆ କାରିଗରୀର ପରିଚୟ, ବୟନ ଶିଳ୍ପରେ ଓଡ଼ିଶା ପ୍ରାଚୀନକାଳରୁ ପ୍ରସିଦ୍ଧିଲାଭ କରିଥିଲା । ବସ୍ତ୍ର ଦ୍ୱାରା ବାଣିଜ୍ୟ ବ୍ୟବସାୟ କରିବା ସଙ୍ଗେ ସଙ୍ଗେ ବିଦେଶ ଲୋକମାନଙ୍କୁ ବନ୍ଧନରେ ବାନ୍ଧି ରଖିଛି ବୟନଶିଳ୍ପ ।

ଓଡ଼ିଶା ନୃତ୍ୟ ଓ ସଙ୍ଗୀତର ଅନ୍ୟତମ ବିଭବ । ଓଡ଼ିଶାର ନୃତ୍ୟ ଓଡ଼ିଶୀ ନୃତ୍ୟ ଭାରତୀୟ ଅଥବା ଅନ୍ୟାନ୍ୟ ଦେଶର ନୃତ୍ୟଗୁଡ଼ିକ ମଧ୍ୟରେ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି । ଓଡ଼ିଶୀ ନୃତ୍ୟ ଦେଶ ବିଦେଶରେ ବହୁତ ପ୍ରିୟ ହୋଇପାରିଛି । ଓଡ଼ିଶାର ବିଭିନ୍ନ ଅଞ୍ଚଳର ଲୋକ ପରମ୍ପରାକୁ ନେଇ ମଧ୍ୟ ବହୁ ନୃତ୍ୟ ଗଢି ଉଠିଛି । ଯେପରିକି ସମ୍ବଲପୁରୀ, ଛଉ, ଦଣ୍ଡ, ପାଇକ, ରଣପା ଓ ଗୋଟିପୁଅ ଲୋକନୃତ୍ୟ ବହୁ ପ୍ରସିଦ୍ଧ । ପାଲା, ଦାସକାଠିଆ, ଯାତ୍ରା, ରାସଲୀଳା ପ୍ରଭୃତି ମାଧ୍ୟମରେ ଓଡ଼ିଆ ସାହିତ୍ୟ ବହୁକାଳରୁ ସୁପ୍ରଚାରିତ ହୋଇ ଓଡ଼ିଶାର ସାଂସ୍କୃତିକ ଜୀବନକୁ ଉନ୍ନତ କରିଛି । ନୃତ୍ୟକଳା ଦ୍ୱାରା ଓଡିଶାର ସଂସ୍କୃତି ସମଗ୍ର ବିଶ୍ୱରେ ପ୍ରତିଷ୍ଠା ଲାଭ କରିଛି ।

ଓଡ଼ିଶାର ସଂସ୍କୃତି ଓ ସଭ୍ୟତା ଅତି ଉଚ୍ଚକୋଟୀର ଥିଲେ ମଧ୍ୟ ଜ୍ଞାନ ବିଜ୍ଞାନର ପ୍ରସାର ଫଳରେ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନର ନାନା ପରିବର୍ତ୍ତନ ଘଟିଛି । ପୂର୍ବରୁ କେତେକ ପର୍ବପର୍ବାଣି ହୋଇଛି । ସାହିତ୍ୟ, ସଙ୍ଗୀତ, ନୃତ୍ୟ, ଶିଳ୍ପ, ଚିତ୍ରକଳା ଓ ରୀତିନୀତିରେ ମଧ୍ୟ ବହୁ ପରିବର୍ତ୍ତନ ଆସିଛି । ଏହି ପରିବର୍ତ୍ତନ ପ୍ରବାହରେ ଆପଣାର ମୌଳିକତାକୁ ବଜାୟ ରଖି ବିକାଶ ପଥରେ ଅଗ୍ରସର ହେବା ଆମର ଲକ୍ଷ୍ୟ ।

❖❖❖



ଗୋଟିଏ ହାତରେ ପାଞ୍ଚଟି ଅଙ୍ଗୁଳି କେହି ନୁହେଁ କାହା ପରି ।
ପାଞ୍ଚଜଣ ଯାକ ଏକ ମନ ହେଲେ ପରବତ ଦେବେ ଟାଳି ।।



# ଆନନ୍ଦର ପରିଭାଷା ଏବଂ ଆନନ୍ଦର ଉତ୍ପତ୍ତିସ୍ଥଳ

ଡ. ଅଞ୍ଜନା ମହାନ୍ତି
ବିଭାଗୀୟ ମୁଖ୍ୟ, ମନସ୍ତତ୍ତ୍ୱ ବିଭାଗ

ଆନନ୍ଦ ଶବ୍ଦଟି ମଣିଷ ପାଇଁ ନୂଆ ନୁହେଁ । ଆମେ ପ୍ରତିଦିନ ବିଭିନ୍ନ ସମୟରେ ବିଭିନ୍ନ ପରିସ୍ଥିତିରେ ଏହି ଶବ୍ଦଟି ବାରମ୍ବାର ବ୍ୟବହାର କରିଥାଉ । ଆନନ୍ଦ ଏକ ଆପେକ୍ଷିକ ଶବ୍ଦ ହୋଇଥିବାରୁ ଏହା ଗୋଟିଏ ମନୁଷ୍ୟଠାରୁ ଆଉ ଗୋଟିଏ ମନୁଷ୍ୟ ପାଇଁ ଭିନ୍ନ ହୋଇଥାଏ । କେତେକ ବ୍ୟକ୍ତି ଧନ, ସମ୍ପତ୍ତି, କାମ, ଲୋଭ ଓ ମୋହର ପୂରଣ ହେଲେ ସେମାନେ ଆନନ୍ଦ, ଅନୁଭବ କରୁଥିବା ବେଳେ ଆଉ କେହି ସରଳ, ନିରାଡମ୍ବର, ସତ୍ୟ, ଧର୍ମ ଓ ନ୍ୟାୟ ଉପରେ ପ୍ରତିଷ୍ଠିତ ଆନନ୍ଦକୁ ପ୍ରକୃତ ଆନନ୍ଦ କରିଥାନ୍ତି । ସେହିପରି ବିଭିନ୍ନ ସଂସ୍କୃତିରେ ବାସ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଆନନ୍ଦର ପରିଭାଷା ମଧ୍ୟ ଭିନ୍ନ ହୋଇଥାଏ । ଆନନ୍ଦ ଅନୁଭବ କଲାବେଳେ ମଧ୍ୟ ବ୍ୟକ୍ତିର ଶାରିରୀକ ପ୍ରତିକ୍ରିୟାରେ ପରିବର୍ତ୍ତନ ଘଟେ । ଏହା ମନୁଷ୍ୟକୁ ସୁଖ, ଶାନ୍ତି ଓ ବଂଚି ରହିବାର ଇଚ୍ଛା ପ୍ରଦାନ କରିଥାଏ ଏବଂ ତା ଜୀବନ ପାଇଁ ଅର୍ଥପୂର୍ଣ୍ଣ ଓ ମୂଲ୍ୟବାନ ହୋଇଥାଏ । ଆନନ୍ଦ ଅନୁଭବ କଲାବେଳେ କେହି ଜୋର୍‌ରେ ହସନ୍ତି କିମ୍ବା ସ୍ମିତହାସ୍ୟ କରନ୍ତି ଓ ଆଉ କେତେକ ବ୍ୟକ୍ତି ଆନନ୍ଦରେ କାନ୍ଦିବା ପ୍ରତିକ୍ରିୟା ମଧ୍ୟ ଦେଖିଥାନ୍ତି ।

ଅନୁରାଗ, ସ୍ନେହ, ପ୍ରେମ ଓ ଭଲ ପାଇବାର ପରିଣାମ ମଧ୍ୟ ଆନନ୍ଦ ହୋଇପାରେ । ବ୍ୟକ୍ତିର ଶାରୀରିକ ସୁସ୍ଥତା ମଧ୍ୟ ଆନନ୍ଦ ଉପରେ ନିର୍ଭର କରେ । ଆନନ୍ଦ ଜୀବନର ସନ୍ତୋଷକୁ ବୁଝାଇଥାଏ । ଭଲ ଅଭିଜ୍ଞତା ଓ ଅନୁଭବ ସୁଖ ଦେଇଥାଏ । ପରିବାର, ସମାଜ ଓ ଅନ୍ୟମାନଙ୍କ ସହିତ ସୁସମ୍ପର୍କ ରହିଲେ ବ୍ୟକ୍ତି ଆନନ୍ଦ ନାମକ ଆବେଗକୁ ଅନୁଭବ କରିଥାଏ । ମନୁଷ୍ୟ ତାର ଜୀବନ ବ୍ୟାପି ସାଧନା ଓ ଦକ୍ଷତା ପାଇଁ ସନ୍ତୋଷ ମିଳିଥାଏ । ବ୍ୟକ୍ତିର ଆବେଗିକ ଜୀବନର ଏକ ପ୍ଲାବନ ଓ ପ୍ରବାହ ଯୋଗୁଁ ଆନନ୍ଦ ଅନୁଭୂତ ହୋଇଥାଏ । ଏହା ଏକ ନିର୍ଦ୍ଦିଷ୍ଟ ଆବେଗ, ଅନେକ ସକାରୀ ଆବେଗର ସମାହାର ଫଳରେ ଜାତ । "ଆନନ୍ଦ" ବ୍ୟକ୍ତିର ଏକ ମାନସିକ ଅବସ୍ଥା ଅଟେ । ଏହା ଏକ ସୁଖକର, ଉତ୍ତମ, ଅର୍ଥପୂର୍ଣ୍ଣ ଜୀବନର ପରିଣାମ ଅଟେ । ଆନନ୍ଦ ଅନୁଭବ ପରି ସକାରୀ ଆବେଗର ଶରୀର ଉପରେ ହୃତପିଣ୍ଡ ଓ ଧମନୀ ସମ୍ବନ୍ଧୀୟକୁ ପ୍ରଭାବକୁ ପ୍ରତିହତ କରିଥାନ୍ତି । ଆନନ୍ଦ ବ୍ୟକ୍ତିର ଏକ ଉଦ୍ଦେଶ୍ୟ ମୂଳକ ପ୍ରକ୍ରିୟାର ପରିଣାମ ଅଟେ । ଜୀବନ ଗତିପଥରେ ବ୍ୟକ୍ତି ହାସଲ କରୁଥିବା ବିଭିନ୍ନ ସଫଳତା ଓ କୃତୀର ଏହା ପରିଣାମ । ଜୀବନ ପ୍ରତି ସକାରୀ ମନୋଭାବ ଓ ସକାରୀ ଦୃଷ୍ଟିଭଙ୍ଗୀ ମନରେ ଆନନ୍ଦ ଜାତ କରାଇଥାଏ । ମନୁଷ୍ୟ ତାର ଜୀବନରେ ସନ୍ତୁଷ୍ଟ ରହିଲେ ନିଜ ପ୍ରତି ଓ ଜୀବନ ପ୍ରତି ତା'ର ସକାରୀ ମନୋଭାବ ଜାତ ହୁଏ ।

**ଆନନ୍ଦର ପ୍ରକୃତି**

ଆନନ୍ଦର ଗୁରୁତ୍ୱପୂର୍ଣ୍ଣ ଚରିତ୍ର ମାନେ ହେଲେ ସକାରତ୍ମକ ଚିନ୍ତନ, ସକାରତ୍ମକ ଭାବନା ଓ ସକାରୀ ମାନସିକତା । ପ୍ରକୃତ ଆନନ୍ଦ ଭୌତିକ ଓ ବସ୍ତୁବାଦୀ ସୁବିଧାରୁ ମିଳିନଥାଏ । ସେହି ଆନନ୍ଦ କ୍ଷଣସ୍ଥାୟୀ ହୋଇଥାଏ ।

ବସ୍ତୁବାଦୀ ଦୁନିଆରେ ବହୁ କ୍ଷେତ୍ରରେ ଅର୍ଥ ଆନନ୍ଦ ଦେଇଥାଏ, କିନ୍ତୁ ଅର୍ଥ ଓ ସମ୍ପତ୍ତି ତଥା ସୁଖ ସମ୍ଭୋଗ ଯେଉଁ ଆନନ୍ଦ ଦିଏ ତାହା ପ୍ରକୃତ ଆନନ୍ଦ ନୁହେଁ । ବ୍ୟକ୍ତି ନିଜର ବ୍ୟକ୍ତିଗତ ଯୋଗ୍ୟତା, ଦକ୍ଷତା, କୁଶଳତାର ସୁବ୍ୟବହାର କରି ସଫଳ ହେଲେ ବ୍ୟକ୍ତି ବହୁତ ଆନନ୍ଦ ଅନୁଭବ କରେ ଏବଂ ଚିକିତ୍ସା ବଳରେ ଜଣେ ମୃତ୍ୟୁ ମୁଖରେ ପଡିଥିବା ରୋଗୀକୁ ବଞ୍ଚାଇ ପାରିଲେ ଯେଉଁ ଆନନ୍ଦ ମିଳେ ତା'ଠାରୁ ବଳି ଆନନ୍ଦ କିଛି ନଥାଇପାରେ ।

Seligman ଙ୍କ ମତରେ ପ୍ରକୃତ ଆନନ୍ଦ ହେଉଛି ଆତ୍ମସୁଖ ଏବଂ ଆନନ୍ଦର ମିଶ୍ରଣ । ଏହି ଆନନ୍ଦ ଜୀବନର ସଫଳତା, ଲକ୍ଷ୍ୟ ବା ଉଦ୍ଦେଶ୍ୟ ପୂରଣ ହେଲେ ଅନୁଭୂତ ହୋଇଥାଏ । Diener ଙ୍କ ମତରେ ପ୍ରକୃତ ଆନନ୍ଦରେ ଅଧିକ ମାତ୍ରାରେ ସକାରୀ ଆବେଗିକ ଅନୁଭବ ଓ ନିମ୍ନ ମାତ୍ରାରେ ନକାରାତ୍ମକ ଆବେଗିକ ଅନୁଭବ ଥାଏ ଏବଂ ଉଚ୍ଚ ସ୍ତରର ଜୀବନର ସନ୍ତୋଷ ମଧ୍ୟ ଥାଏ ।

**ଆନନ୍ଦର ଉତ୍ପତ୍ତିସ୍ଥଳ**

ଜୀବନରେ ସର୍ବଦା ଆନନ୍ଦ ଅନୁଭବ କରିବା ପ୍ରତ୍ୟେକ ବ୍ୟକ୍ତିର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିବାରୁ ଏହାର ଗୁରୁତ୍ୱ ପ୍ରତ୍ୟେକ ମାନବ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ । ଏହି ପରିଶ୍ରେଣୀରେ ଆନନ୍ଦର ଉତ୍ପତ୍ତି କିପରି ହୁଏ ଏବଂ ଏହା କିପରି ମିଳେ ଜାଣିବା ନିତ୍ୟାନ୍ତ ଆବଶ୍ୟକ । ମନୁଷ୍ୟ ବୁଝିବା ଉଚିତ୍ ଯେ ସମୟ, ସାମର୍ଥ୍ୟ ଓ ସୁଯୋଗର ଠିକ୍ ପ୍ରୟୋଗ କଲେ ସଫଳତା ମିଳିଥାଏ ଏବଂ ସଫଳତା ହିଁ ଆନନ୍ଦର ଚାବିକାଠି । ଆନନ୍ଦର ଉତ୍ପତ୍ତି ସ୍ଥଳ ସମସ୍ତଙ୍କ ପାଇଁ ଭିନ୍ନ ହୋଇଥାଏ, କାରଣ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ମନୋଭାବ, ଅତୀତର ଅଭିଜ୍ଞତା, ଆବେଗ ଓ ଆଶା, ଆକାଂକ୍ଷା, ଦୃଷ୍ଟିଭଙ୍ଗୀ ଭିନ୍ନ ଭିନ୍ନ ହୋଇଥାଏ । ବ୍ୟକ୍ତି କେଉଁଥିରୁ ଆନନ୍ଦ ପାଇବ ତାହା ମଧ୍ୟ ତାଙ୍କ ପିତା ମାତା ମାନଙ୍କର ଦୃଷ୍ଟିଭଙ୍ଗୀ ମନୋଭାବ

ଓ ପିଲାକୁ ପ୍ରଶିକ୍ଷଣ ତଥା ଶିଶୁ ପାଳନ ପଦ୍ଧତି ଉପରେ ନିର୍ଭର କରିଥାଏ। ଧନ ସମ୍ପତ୍ତି ଠୁଳ କରିବା ଯଦି ପିତାମାତାଙ୍କ ଓ ଶିକ୍ଷକଙ୍କ ପାଇଁ ଆନନ୍ଦର ପରିଭାଷା ହୋଇଥାଏ। ପିଲା ମଧ୍ୟ ସେହି ରାସ୍ତାରେ ଯାଇ ଆନନ୍ଦିତ ହୋଇଥାଏ ଏବଂ ପ୍ରକୃତ ଆନନ୍ଦରୁ ବଞ୍ଚିତ ହୋଇଥାଏ।

ବିଂଶ ଏବଂ ଏକବିଂଶ ଶତାବ୍ଦୀରେ ସକାରାତ୍ମକ ମନୋବିଜ୍ଞାନୀମାନଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ଆନନ୍ଦର କେତେକ ଉତ୍ପତ୍ତି ସ୍ଥଳ ସମ୍ପର୍କରେ ଆଗେ ଆଲୋଚନା କରିବା।

**ଜୀବନର ପ୍ରତ୍ୟକ୍ଷଣ ଓ ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ**

ବ୍ୟକ୍ତି ତାର ନିଜ ସମ୍ପର୍କରେ ଧାରଣା ବା ସେ ନିଜ ସମମ୍ପର୍କରେ କଣ ଭାବେ ତା ଉପରେ ନିର୍ଭର କରେ। ଯଦି ବ୍ୟକ୍ତି ନିଜେ ଭାବେ ଯେ ସେ ଭଲରେ ଅଛି, ସୁଖଷର ଅଛି। ସେତିକି ସୁଖ, ସୁବିଧା ମିଳିଛି ତାହା ତା ପାଇଁ ଯଥେଷ୍ଟ ତେବେ ସେ ଆନନ୍ଦରେ ନିଶ୍ଚୟ ରହିପାରିବ। ବ୍ୟକ୍ତି ତା' ନିଜକୁ ସେମିତି ବିଶ୍ଳେଷଣ କରେ, ସେହି ଅନୁସାରେ ସେ ଆନନ୍ଦ ପାଏ। ମନୁଷ୍ୟ ନିଜ ସମ୍ପର୍କରେ ଯଥେଷ୍ଟ ଆଶାବାଦୀ ହେଲେ ଆନନ୍ଦକୁ ଖୋଜିବାକୁ ପଡେ ନାହିଁ।

**ନିଜ ଜୀବନ ସମ୍ପର୍କରେ ସନ୍ତୋଷ ଲାଭ କରିବା**

ଏହା ଏକ ଆନନ୍ଦର ପ୍ରଧାନ ଉପାଦାନ। ଯେଉଁ ବ୍ୟକ୍ତ ନିଜକୁ ସମାଲୋଚନା କରିଥାନ୍ତି, ନିଜ କାର୍ଯ୍ୟକୁ ନେଇ ସନ୍ତୁଷ୍ଟ ନଥାନ୍ତି, ଏହି ଅସନ୍ତୋଷ ଯୋଗୁଁ ତାଙ୍କୁ ଆନନ୍ଦ ମିଳିନଥାଏ। ଜଣେ ବ୍ୟକ୍ତି ଯଦି ପର୍ଯ୍ୟାଲୋଚନା କରେ ଯେ ସେ ନିଜ ଜୀବନକାଳ ଭିତରେ ଖୁବ୍ ଭଲ କାମ କରିଛି ଓ ତାର ଜୀବନ ଧନ୍ୟ ହୋଇଛି। ତେବେ ସେ ଆନନ୍ଦ ପାଇପାରିବ। ଏହା ଏକ ଆପେକ୍ଷିକ ଶବ୍ଦ ହୋଇଥିବାରୁ ଏକ ପରିସ୍ଥିତିରେ ବିଭିନ୍ନ ବ୍ୟକ୍ତି ଏକାପ୍ରକାର ସଫଳତା ଲାଭ କରିଥିଲେ ବି ଜଣେ ଆନନ୍ଦ ପାଇଥାଏ ଏବଂ ଆଉ ଜଣେ ଆନନ୍ଦ ପାଇନଥାଏ।

**ସୁଖ ଦାୟକ ଓ ଦୁଃଖ ଦାୟକ ଆବେଗିକ ଅନୁଭୂତି ମଧ୍ୟରେ ସନ୍ତୁଳନ କରିବା**

ପ୍ରତ୍ୟେକ ବ୍ୟକ୍ତି ସୁଖରେ ଓ ଅସୁଖକର ଆବେଗିକ ଅନୁଭବ ମଧ୍ୟରେ ଗତି କରିଥାଏ, କିନ୍ତୁ ଯେଉଁ ବ୍ୟକ୍ତି ଏହା ଭିତରେ ସନ୍ତୁଳନ ରକ୍ଷାକରେ ତା'ର ଆନନ୍ଦର ଉତ୍ପତ୍ତି ହୋଇଥାଏ। ଏହାକୁ ମନୋବିଜ୍ଞାନୀମାନେ ଆତ୍ମ ସୁଖର ଆବେଗ ସ୍ତର କହିଥାନ୍ତି।

ଆମେ ପ୍ରତିଦିନ ଆମ ବ୍ୟସ୍ତ ବହୁଳ ଜୀବନ ମଧ୍ୟରେ କିଛି ସୁଖକର ଓ କିଛି ଅସୁଖକର ଆବେଗ ଅନୁଭବ କରିଥାଉ। ଭଲ କାମ କଲେ କିଛି ପ୍ରଶଂସା ମିଳିଥାଏ ଏବଂ ବିଫଳତା ପାଇଁ ଆମକୁ ନିନ୍ଦା ମିଳିଥାଏ। ଆନନ୍ଦ ପାଇବାକୁ ହେଲେ ଏହି ଦୁଇ ବିପରୀତ ମୁଖ୍ୟ ଆବେଗ ମଧ୍ୟରେ ଆମକୁ ସନ୍ତୁଳନ ରକ୍ଷା କରିବାକୁ ପଡିଥାଏ।

**ତୃପ୍ତି**

ଆମେ ଆମକୁ ପ୍ରତ୍ୟକ୍ଷଣ କରି ଲାଭ କରିଥିବା ବିଶ୍ୱାସ ଏବଂ ସମସ୍ତ ଆବଶ୍ୟକତା ଗୁଡିକ ପୂରଣ ହେବାର ଆତ୍ମ ଅନୁଭବ ଆମକୁ ଆନନ୍ଦ ପ୍ରଦାନ କରିଥାଏ। ବ୍ୟକ୍ତି ତାର ନିଜର ଦକ୍ଷତା, ସଫଳତା, କୃତି ସମ୍ପର୍କରେ ତୃପ୍ତିଲାଭ କହିଥାଏ। ସେତେବେଳେ ତାକୁ ପ୍ରକୃତ ଆନନ୍ଦ ମିଳିଥାଏ। ଯେଉଁ ବ୍ୟକ୍ତି ନିଜର ଆତ୍ମ ନିୟନ୍ତ୍ରଣ ମାଧ୍ୟମରେ ଆବଶ୍ୟକତା ଗୁଡିକୁ ସୀମିତ କରିଥାଏ, ଯାହା ମିଳେ ସେଥିରେ ସନ୍ତୁଷ୍ଟ ହୁଏ, ତାହାକୁ ପ୍ରକୃତ ତୃପ୍ତି ମିଳିଥାଏ। ଏହା ଆନନ୍ଦର ପ୍ରକୃତ ଉପାଦାନ ଅଟେ। ଆମେ ଆମର ଦୃଷ୍ଟି ଭଙ୍ଗୀକୁ ଯେଉଁ ବାଟରେ ନେବେ। ସେହି ବାଟରେ ଯିବା ଯାହା ଆମ ପାଖରେ ଅଛି ସେଥିରୁ ଆମେ ତୃପ୍ତି ପାଇବାକୁ ଚେଷ୍ଟା କରିବା ତେବେ ଆମର ପ୍ରକୃତ ଆନନ୍ଦର ଅଭାବ ରହିବ ନାହିଁ।

❖❖❖

ସମୟ ଅଟଇ ସମ୍ପଦ ସାର, ଜୀବନ ଅଟଇ ପାଣିର ଗାର ॥



# ଆପେକ୍ଷିକ ତତ୍ତ୍ୱ ଓ ଆଧ୍ୟାତ୍ମିକତା

✍ ରଜତ କୁମାର ମାନସିଂହ
ସହ-ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ ତଥା ଉପନିର୍ଦ୍ଦେଶକ, ଉଚ୍ଚ ଶିକ୍ଷା ବିଭା. ଓଡିଶା

ଆଲୋକର ଗତି ଏକ ସେକେଣ୍ଡକୁ ୧୮୬୦୦୦ ମାଇଲ ଏବଂ ଏହାକୁ ଅସୀମ ବେଗ ବୋଲି କୁହାଯାଏ। ଏହି ବେଗରେ ଜଣେ ବିଷୁବରେଖା ଦେଇ ପୃଥିବୀକୁ ଏକ ସେକେଣ୍ଡରେ ସାତଥର ପରିକ୍ରମା କରିପାରିବ। ଆଲୋକର ଗତିବେଗ ସହିତ ତୁଳନା କରି କୌଣସି ପଦାର୍ଥର ଗତିବେଗ ନିର୍ଣ୍ଣୟ କରାଯାଏ। ତେଣୁ ଗତି ମଧ୍ୟ ଏକ ଆପେକ୍ଷିକ ସତ୍ୟ । ପ୍ରଖ୍ୟାତ ଗାଣିତିକ ଓ ପଦାର୍ଥ ବିଜ୍ଞାନବିତ୍ ଡକ୍ଟର ଜେ ବ୍ରାଉନ୍ସ୍କି ହିସାବ କରି ଦର୍ଶାଇଛନ୍ତି ଯେ ଯଦି ଜଣେ ଆଲୋକ ବେଗରେ ପୃଥିବୀ ପରିକ୍ରମା ପାଇଁ ଗତି କରନ୍ତି ତେବେ ସେ ଯେଉଁ ମୁହୂର୍ତ୍ତରେ ଗତି ଆରମ୍ଭ କରିଥିବେ ଠିକ୍ ସେହି ମୁହୂର୍ତ୍ତରେ ଗତି ଆରମ୍ଭ କରିଥିବା ସ୍ଥାନରେ ପହଞ୍ଚିଯିବେ । ଅତଏବ ଏଠାରେ ସମୟର ସ୍ଥିତି ଆଦୌ ନାହିଁ । ଅନ୍ୟ ପକ୍ଷରେ ଗତି ମଧ୍ୟ ସ୍ଥିର ଭଳି ଜଣାଯିବ। ଏହା ଏକ ଗାଣିତିକ ସିଦ୍ଧାନ୍ତ। ଜଣେ ମହାକାଶ ଚାରୀ ଆଲୋକ ବେଗରେ ଗତିକରି ଫେରିଆସିଲା ବେଳକୁ ଭୂପୃଷ୍ଠରେ ତା'ର ସମବୟସ୍କ ବନ୍ଧୁ ତାଙ୍କ ତୁଳନାରେ ଯଥେଷ୍ଟ ବୃଦ୍ଧ ହୋଇଯାଇଥିବେ । ରେଳଷ୍ଟେସନରେ ବିଳମ୍ବରେ ଆସୁଥିବା ରେଳଗାଡିକୁ ଦୁଇଜଣ ଅପେକ୍ଷା କରୁଥିଲେ । ଜଣେ ରେଳଧାରଣାକୁ ଚାହିଁ ବିରକ୍ତିରେ ହାତଘଣ୍ଟାକୁ ବାରମ୍ବାର ଚାହୁଁଥିବାବେଳେ ଅନ୍ୟଜଣକ ଜଣେ ସୁନ୍ଦରୀ ତରୁଣୀ ସହିତ ବେଶ ହସଖୁସିରେ ବାର୍ତ୍ତାଳାପ କରୁଥିଲେ । ବିଳମ୍ବରେ ଗାଡି ପହଞ୍ଚିବା ପରେ ପ୍ରଥମ ଜଣକ ଦୀର୍ଘ ଶ୍ୱାସ ଛାଡି କେତେ ଡେରି ହୋଇଗଲା ? ବୋଲି ପ୍ରଶ୍ନ କରୁଥିବ, ମାତ୍ର ଅନ୍ୟ ଜଣକ ଭାବୁଥିବ 'କେତେ ଶୀଘ୍ର ଗାଡି ଆସିଗଲା' ପ୍ରଥମ ଜଣକ ପାଇଁ ସମୟ ଅତିଦୀର୍ଘ ହୋଇଥିବା ବେଳେ ଦ୍ୱିତୀୟ ଜଣକ ପାଇଁ ଅତି ସାମାନ୍ୟ ବୋଲି ମନେ ହେବ। ଏଠି ସମୟ ଆପେକ୍ଷିକ।

୧୯୦୫ ମସିହାରେ ଡକ୍ଟର ଆଲବର୍ଟ ଆଇନ୍ ଷ୍ଟାଇନ୍ ସମୟ, ବ୍ୟବଧାନ (ମହାଶୂନ୍ୟ) ଓ ଗତିକୁ ନେଇ ଯେଉଁ ନୂତନ ତଥ୍ୟ ଉଦ୍ଭାବନ କଲେ ତାହା ବିଜ୍ଞାନ ଜଗତ ପାଇଁ ଏକ ଯୁଗାନ୍ତକାରୀ ଓ ବୈପ୍ଲବିକ ପଦକ୍ଷେପ ଥିଲା ଏବଂ ପଦାର୍ଥ ବିଜ୍ଞାନରେ ଏକ ନୂତନ ଇତିହାସ ସୃଷ୍ଟିକଲା। ଏହି ତଥ୍ୟକୁ ଆପେକ୍ଷିକ ତତ୍ତ୍ୱ କୁହାଯାଏ। ଏହି ତତ୍ତ୍ୱ ଅନୁସାରେ ଦୂରତା, ବ୍ୟବଧାନ ଓ ଗତିବେଗକୁ ଚରମ ବାସ୍ତବତା ବୋଲି କୁହାଯାଇନପାରେ। ଏଗୁଡିକ ସତ୍ୟ ମାତ୍ର ଏ ସବୁର ମୂଳ ଏକ ଚରମ ବାସ୍ତବତା ସହିତ ତୁଳନା କରି ଏଗୁଡିକୁ ଆପେକ୍ଷିକ ସତ୍ୟ ବୋଲି କୁହାଯାଇପାରେ। ଦୁଇଟି ପଦାର୍ଥ ମଧ୍ୟରେ ଥିବା ଖାଲି ସ୍ଥାନକୁ ଦୂରତା କୁହାଯାଏ । ବ୍ୟବଧାନ ହିଁ ମହାଶୂନ୍ୟର ଅଂଶବିଶେଷ। ଅନ୍ୟ ପଦାର୍ଥ ତୁଳନାରେ ଗୋଟିଏ ପଦାର୍ଥର ଦୂରତା ବା ବ୍ୟବଧାନ ନିର୍ଣ୍ଣୟ କରାଯାଇପାରେ ମାତ୍ର କୌଣସି ପଦାର୍ଥର ସ୍ଥିତି ନଥିଲେ ଦୂରତା ଆସିବ କେଉଁଠୁ ? ଯେତେବେଳେ ସବୁକିଛି ଖାଲି ହୋଇଯିବ ଖାଲି ସ୍ଥାନ ବୋଲି କାହାକୁ ଚିହ୍ନଟ କରାଯିବ ? ସମୟ ମଧ୍ୟ ଦୁଇଟି ଘଟଣା ଘଟିବାର ବ୍ୟବଧାନକୁ ବୁଝାଏ। ମାତ୍ର କୌଣସି ଘଟଣା ନଘଟିଲେ ସମୟର ସ୍ଥିତି ଆସିବ କେଉଁଠୁ ? ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟରେ ପୃଥିବୀର ଘୂର୍ଣ୍ଣନ ସହିତ ଓ ପୃଥିବୀର ଘୂର୍ଣ୍ଣନ ଗ୍ରହ, ନକ୍ଷତ୍ର ସୌରଜଗତ ଓ ଛାୟାପଥ ସହିତ ସମ୍ପର୍କିତ । ଏହି ସବୁ ଦୃଷ୍ଟିରୁ ନିଉଟନ୍‌ଙ୍କ ଉଦ୍ଭାବନ ସମ୍ପର୍କରେ ପ୍ରଶ୍ନବାଚୀ ସୃଷ୍ଟି ହେଲା। ଆପେକ୍ଷିକ ତତ୍ତ୍ୱ ଅନୁସାରେ ଦୂରତା, ବ୍ୟବଧାନ ଓ ସମୟର ସ୍ଥିତି ସତ୍ୟ ହେଲେ ମଧ୍ୟ ପରମ ସତ୍ୟ ନୁହେଁ, ଆପେକ୍ଷିକ ସତ୍ୟ। ଚରମ ବାସ୍ତବତା ସହିତ ସମ୍ପର୍କିତ । ଗତି ମଧ୍ୟ ସେହିପରି ଚରମ ବାସ୍ତବତା ନୁହେଁ । ଏହା ମଧ୍ୟ ଆପେକ୍ଷିକ ସତ୍ୟ। ଏହା ନିର୍ଦ୍ଦିଷ୍ଟ ବେଗକୁ ବୁଝାଏ।

ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ ଆପେକ୍ଷିକ ତତ୍ତ୍ୱ ବେଦ ବେଦାନ୍ତର ନିର୍ଯ୍ୟାସ ବୋଲି ମନେ ହେବ ଏବଂ ଆଧ୍ୟାତ୍ମିକତା ପ୍ରତି ବିଜ୍ଞାନର ସ୍ୱୀକୃତି ଉପଲବ୍ଧ ହେବ। ବେଦାନ୍ତ ଅନୁସାରେ ବିଶ୍ୱବ୍ରହ୍ମାଣ୍ଡରେ ଯାହା ଦୃଶ୍ୟମାନ ତାହା ଠିକ୍ ସେୟା ନୁହେଁ । ଯାହା ଦୃଶ୍ୟମାନ ସେ ସବୁ ଆମ ପାଇଁ ସତ୍ୟ ହେଲେ ମଧ୍ୟ ପରମ ସତ୍ୟ ନୁହେଁ ବରଂ ଚରମ ବାସ୍ତବତା ପରମ ବ୍ରହ୍ମ ପରମାତ୍ମା ଆଦୌ ନଥିଲେ ଏସବୁର ସ୍ଥିତି ମଧ୍ୟ ନଥାନ୍ତା। ମାଟି ନଥିଲେ ମାଠିଆର ସ୍ଥିତି କିମ୍ବା ସୁନା ନଥିଲେ ଗଳାହାରର ସ୍ଥିତି ଯାହା ପରମବ୍ରହ୍ମଙ୍କ ଅନୁପସ୍ଥିତିରେ ଭୌତିକ ଜଗତର ସ୍ଥିତି ଠିକ୍ ସେୟା ।

ଏହାଛଡା ବିଜ୍ଞାନ ସ୍ୱୀକାର କରେ ଯେ, କୌଣସି ବସ୍ତୁର ସ୍ଥାୟିତ୍ୱ ନାହିଁ। ଏହା କାଳକ୍ରମେ ଧ୍ୱଂସପ୍ରାପ୍ତ ହୋଇ ସୃଷ୍ଟିର ମୂଳସ୍ଥିତି ଅଣୁ ପରମାଣୁରେ ପରିଣତ ହେବ। ଅହରହ ନୂତନ ବସ୍ତୁ ସୃଷ୍ଟି ହେଉଛି ଏବଂ ସୃଷ୍ଟି ହୋଇଥିବା ବସ୍ତୁ ଧ୍ୱଂସ ପ୍ରାପ୍ତ ହୋଇ ମୂଳଉତ୍ସ ସହିତ ମିଶିଯାଉଛି । ତେଣୁ ମୂଳଉତ୍ସ ସ୍ରଷ୍ଟାଙ୍କର ରହସ୍ୟମୟ ପ୍ରକଟନ। ବସ୍ତୁଜଗତ ଚରମ ବାସ୍ତବତାର ଏକ ପ୍ରହେଳିକାମୟ ସ୍ଥିତି କୁହାଯାଇପାରେ । ତେଣୁ ସମଗ୍ର ସୃଷ୍ଟି ପରମବ୍ରହ୍ମଙ୍କର ଏକ ମାନଚିତ୍ର।

ଏହା ହିଁ ଆଧାତ୍ମିକ ଜଗତର 'ମାୟା' (ମା-ଯାହା ନାହିଁ, ୟା - ଯାହା ଅଛି) । ତେଣୁ ଏ ସୃଷ୍ଟି 'ଅଛି', 'ନାହିଁ'ର ଏକ ଭେଳିକି ଏବଂ ବୈଦିକ ମତ ଅନୁସାରେ ଅନିର୍ବଚନୀୟ । ଏହି ତଥ୍ୟ ଆଇଜେନ୍ ବର୍ଗଙ୍କ ଅନିଶ୍ଚିତତା ନିୟମ ସହିତ ସଂପୃକ୍ତ । ଏହି ନିୟମ ଅନୁସାରେ ଅଧଃ ଆଣବିକ କଣିକା (ଇଲେକ୍ ?ଟ୍ରନ, ନିଉଟ୍ରନ୍ ଓ ପ୍ରୋଟନ୍) ଓ ବସ୍ତୁଜଗତର ପ୍ରକୃତିକୁ ବିଶ୍ଲେଷଣ କଲେ ଉଭୟଙ୍କ ଭିତରେ କୌଣସି ପ୍ରଭେଦ ଦୃଷ୍ଟିଗୋଚର ହେବନାହିଁ । ସତ୍ୟାନୁସନ୍ଧାନୀମାନେ ଚରମ ବାସ୍ତବତା ଓ ବସ୍ତୁଜଗତର ପ୍ରକୃତିକୁ ବିଶ୍ଲେଷଣ କଲେ ଉଭୟଙ୍କ ଭିତରେ କୌଣସି ତଫାତ୍ ଦେଖନ୍ତି ନାହିଁ।

ସୃଷ୍ଟି ତତ୍ତ୍ୱ ଅନୁଯାୟୀ, 'ଫେଣ, ଫୋଟକା ଓ ତରଙ୍ଗ ସମୁଦ୍ରର ଭିନ୍ନ ଭିନ୍ନ ରୂପ । ଏଗୁଡିକ ସମୁଦ୍ର ସହ ଅଭିନ୍ନ ହେଲେ ମଧ ଏମାନଙ୍କ ମଧରେ କ୍ରିୟା – ପ୍ରତିକ୍ରିୟା ମିଳନ – ବିରାଗ-ସଂଘର୍ଷ ଦେଖାଯାଏ । ମାତ୍ର ସତ କଥାଟି ହେଲା ସମୁଦ୍ରଠାରୁ ସେମାନେ ଜନ୍ମଲାଭ କରିଛନ୍ତି ଏବଂ କିଛି ସମୟ ପାଇଁ ଦେଖା ଦେଇ ଶେଷର ସମୁଦ୍ର ମଧରେ ମିଳାଇ ଯାଆନ୍ତି । ସମୁଦ୍ର ସତ୍ୟ ହେଲେ ଅନ୍ୟ ସବୁ ସତ ଭଳି ଜଣାପଡନ୍ତି ମାତ୍ର" । ସମୁଦ୍ର ପରମ ସତ୍ୟ ହେଲେ ଫେଣ, ଫୋଟକା ଓ ତରଙ୍ଗ ଆପେକ୍ଷିକ ସତ୍ୟ ।

ଏହି ସବୁ କାରଣରୁ ସମୟ, ଦୂରତା ଇତ୍ୟାଦିର ସ୍ଥିତି ଆପେକ୍ଷିକ ଓ ଅବାସ୍ତବ ଏବଂ ପରମବ୍ରହ୍ମଙ୍କର ଗୋଟିଏ ଗୋଟିଏ ମାୟା । ଏସବୁକୁ ବିଚାରକୁ ନେଲେ ଆଇନ୍‌ଷ୍ଟାଇନ୍‌ଙ୍କ ଆପେକ୍ଷିକ ତତ୍ତ୍ୱ ପ୍ରାଚୀନ ଆଧାତ୍ମିକ ଚିନ୍ତାଧାରାର ଆଧୁନିକ ରୂପ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଯେଉଁ ବୈଜ୍ଞାନିକ ମାନେ ଅଣୁପରମାଣୁ ସମ୍ପର୍କରେ ବିଶେଷ ଗବେଷଣା କରିଛନ୍ତି ସେମାନେ ଅଣୁଜଗତରେ ପରସ୍ପର ବିରୋଧୀ କ୍ରିୟା ଅବଲୋକନ କରି ଆଶ୍ଚର୍ଯ୍ୟ ହୋଇଛନ୍ତି । ସେମାନେ ଯାହାକୁ ସତ୍ୟ ବୋଲି ଭାବିଥିଲେ ତାହା ବାସ୍ତବରେ ସତ୍ୟ ନୁହେଁ ଓ ସେମାନେ ଦେଖୁଛନ୍ତି ଅଣୁଗୁଡ଼ିକ ତରଙ୍ଗ ଭଳି ଆଚରଣ କରୁଛନ୍ତି । ତରଙ୍ଗ ସବୁ ଅଣୁ ପାଲଟି ଯାଉଛନ୍ତି । ବସ୍ତୁତ୍ୱ ଶୂନ୍ୟ ହୋଇଯାଉଛି ଏବଂ ଏହି ଶୂନ୍ୟରୁ ପୁଣି ବସ୍ତୁ ସୃଷ୍ଟି ହେଉଛି । ସେମାନେ ଅନୁଭବ କରିଛନ୍ତି ସମୟ ଗୋଟାଏ କଳ୍ପନା, ବ୍ୟବଧାନ ଗୋଟିଏ ସ୍ୱପ୍ନ ଏବଂ କାର୍ଯ୍ୟ –କାରଣ ନିୟମ ବୋଲି କିଛି ନାହିଁ । ଏଠି 'ଅଛି', 'ନାହିଁ' ର ଖେଳ ଚାଲିଛି । ଏଇତ ଭଗବାନଙ୍କର ଲୀଳା ଯାହାକୁ 'ମାୟା' କୁହାଯାଏ । ଏଠାରେ ଚତୁର୍ଥ ପରିସରର ସଂକେତ ରହିଛି ଯାହା ଅବୋଧ ଓ ରହସ୍ୟମୟ । ବିଜ୍ଞାନ ଓ ଆଧାତ୍ମିକତାକୁ ଅନୁଶୀଳନ କରି ସ୍ୱାମୀ ବିବେକାନନ୍ଦ କହିଛନ୍ତି, 'ସମୟ, ଦୂରତା ଓ କାରଣ ସ୍ୱଚ୍ଛ କାଚ ସଦୃଶ ଏବଂ ଏହି କାଚ ଦେଇ ଚରମ ବାସ୍ତବତା ବା ପରମ ସତ୍ୟକୁ ଦେଖୁହେବ । ମାତ୍ର ଏହି ପରମ ସତ୍ୟ ନିକଟରେ ସମୟ ଓ ବ୍ୟବଧାନର ସ୍ଥିତି ଆଦୌ ନାହିଁ କିମ୍ବା କାରଣର ପ୍ରଶ୍ନ ନାହିଁ, କାରଣ ତାହାହିଁ ସବୁକିଛିର ଏକମାତ୍ର କାର୍ଯ୍ୟ – କାରଣ । ବିଜ୍ଞାନ ଓ ଆଧାତ୍ମିକତା ମିଳିତ ଭାବରେ ସୃଷ୍ଟିର ସମସ୍ତ ରହସ୍ୟ ଉନ୍ମୋଚନ କରିପାରିବେ ଏଥିରେ ସଂଦେହର ଅବକାଶ ନାହିଁ।

❖❖❖



ପାଠରେ ଯା'ର ଶରଧା ବେଶି, ମନ ଖୋଲି ସିଏ ପାରଇ ହସି ।
ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ ॥



# ନାରୀ ସଶକ୍ତିକରଣ ବନାମ ଏକବିଂଶ ଶତାବ୍ଦୀର ଭାରତୀୟ ନାରୀ

✍ ଶ୍ରୀମତୀ ବବିତା ମହାପାତ୍ର
ଅଧ୍ୟାପିକା, ଓଡ଼ିଆ ବିଭାଗ

ନାରୀ ଏକା ଧାରାରେ ଜାୟା, ଜନନୀ ଓ ଭଗିନୀ। ଯଥାର୍ଥରେ କହିବାକୁ ଗଲେ ନାରୀ, ମାଟି, ନାରୀ, ମାଆ। ନାରୀ ନଈ, ନାରୀ ନାଆ, ନାରୀ ତୁଠ, ନାରୀ ଘାଟ। ନାରୀ ଫଗୁଣ, ନାରୀ ଦଂଶନ। ସେ ଶକ୍ତି ସ୍ୱରୂପିଣୀ ଓ ସୃଷ୍ଟିକାରିଣୀ। ସେଥିପାଇଁ ଯୁଗେ ଯୁଗେ ନାରୀ ସକଳ ସମ୍ମାନର ଅଧିକାରିଣୀ। ନାରୀ-ବିନା ସମାଜରେ ସାମଗ୍ରିକ ଉନ୍ନତି କଳ୍ପନା କରିହେବ ନାହିଁ। ନାରୀର କଲ୍ୟାଣରେ ଦେଶ ଓ ଜାତିର କଲ୍ୟାଣ। ଯଥାଥରେ ମହର୍ଷି ମନୁ କହିଥିଲେ-

"ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ
ରମନ୍ତେ ତତ୍ର ଦେବତାଃ"

ନାରୀ ଓ ପୁରୁଷ ସୃଷ୍ଟିର ଦୁଇଟି ଧାରା। ସଂସାରକୁ ସତ୍ୟ-ସୁନ୍ଦର-ସନାତନ କରିବା ପାଇଁ ନାରୀ ଓ ପୁରୁଷକୁ ଈଶ୍ୱର ସ୍ଥାପନା କରିଛନ୍ତି। ନାରୀକୁ ପ୍ରକୃତି ଓ ଈଶ୍ୱରଙ୍କୁ ପୁରୁଷ କୁହାଯାଏ। କାହିଁକି ? ନାରୀର ଡିମ୍ବାଶୟ ଅଛି। ସେ ଧାରଣ କରେ ଓ ଜନ୍ମ ଦିଏ। ମାଟିକୁକର୍ଷଣ କରି ମଞ୍ଜି ପୋତିଲେ ଯେମିତି ଗଜା ହୁଏ- ନାରୀ ଅବିକଳ ଏକ ଉର୍ବରମାଟିମୁଠା। ମାଟି ଗଛର ଯତ୍ନ ନିଏ। ଗଜାକୁ ପାଣି, ଶକ୍ତି ପ୍ରଦାନ କରି ତାକୁ ପଲ୍ଲବିତ କରାଏ। କ୍ଷୁଦ୍ର ଦୂବକୁ ଦେବତା କରାଇପାରେ ନାରୀ। ପୁରୁଷ କେବଳ ବୀର୍ଯ୍ୟ ଦାନ କରେ। ଧାରଣ କରିପାରେ ନାହିଁ କି ପାଳନ କରିପାରେ ନାହିଁ। ଏହି ଦୁଇସତ୍ତାଙ୍କ ସହବାସରେ ସଂସାର ହସିଉଠେ।

ପ୍ରାଚୀନ ଓଡିଆ ନାରୀର ସ୍ଥିତି ଏବଂ ଆଧୁନିକ ନାରୀ ବନାମ ଏକବିଂଶ ଶତାବ୍ଦୀର ନାରୀଙ୍କ ଭିତରେ ତୁଳନାତ୍ମକ ଆଲୋଚନା କରିବାକୁ ଗଲେ ଦେଖିବା ଯେ ସମୟର ସ୍ରୋତରେ ପୁରୁଣା ବ୍ୟବସ୍ଥା ଭାଙ୍ଗି ନୂଆ ବ୍ୟବସ୍ଥାର ଜନ୍ମ ହେଉଚି। ପୁରୁଣା ସାମାଜିକ ନାରୀମାନଙ୍କର ଜୀବନ ଶୈଳୀ ଏକବିଂଶ ଶତାବ୍ଦୀରେ ମୂଲ୍ୟହୀନ ହୋଇପଡିଛି। ପରମ୍ପରା ନାମରେ ଯାହା ଆମକୁ ଉତ୍ତରାଧିକାର ସୂତ୍ରରେ ମିଳୁଛି। ଆଜିର ମଣିଷ ତାହାଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ। ଆମେ ଯଦି ଦେଖିବା ପ୍ରାଚୀନ ଓଡିଆ ସମାଜଟି ଏକ ପଲ୍ଲୀଭିତ୍ତିକ ସମାଜ। ଏ ସମାଜରେ ବଞ୍ଚିରହିବାର ସଂଘର୍ଷହିଁ ମୁଖ୍ୟ କଥା। ପରମ୍ପରା ନାମରେ ଏକାଧିକ ଅନ୍ଧବିଶ୍ୱାସ କବଳିତ ପଲ୍ଲୀସମାଜରେ ନାରୀର ଜୀବନ ଧାରାଟି ଆଦୌ ସ୍ୱଚ୍ଛଳ ନଥିଲା। ଗୃହରେ ସନ୍ତାନ ପାଳନ, ପାକଶାଳା ପରିଚାଳନା ସହ ସ୍ୱଚ୍ଛତା ଓ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ପଡୁଥିଲା। ପରିବାରର ମଙ୍ଗଳ ମନାସି ପତିପୁତ୍ରାଦି ପାଇଁ ଏକାଧିକ ଓଷା, ବ୍ରତ ଓ ଉପବାସ କରିବାକୁ ପଡୁଥିଲା। ନାରୀର ସ୍ୱାଧୀନତା ସୀମିତ ଥିଲା। ପତି ହିଁ ଥିଲା ପରିବାରର ପୁରୋଧା। ପରିବାରର ଦୁର୍ଘଟଣା, ରୋଗବ୍ୟାଧି, ଆର୍ଥିକ ବିପର୍ଯ୍ୟ୍ୟାପ୍ତ ପାଇଁ ନାରୀକୁ ନିନ୍ଦା ସହିବାକୁ ପଡୁଥିଲା। ପୁତ୍ରର ବିବାହ ପରେ ଯଦି ଆକସ୍ମିକ ଭାବରେ ବୃଦ୍ଧ ପିତାମାତାଙ୍କର ମୃତ୍ୟୁ ହୋଇଯାଉଥିଲା। ଏହିପରି ଭାବରେ ସକାଳରୁ ସଞ୍ଜ ନାରୀର ଜୀବନ ଦୁଃଖର ପ୍ରବାହ ଭିତରେ ଗତିକରେ।

ବିବାହ ଏକ ଦୁର୍ଘଟଣା ପରି କୁମାରୀ ଜୀବନରେ ଆସୁଥିଲା। ଏକ ନିଶ୍ଚିତ ସୁଖ, ସ୍ନେହର ପରିବାର ଭିତରୁ ଅଜଣା ଦୁଃଖର ଦୁନିଆ ଭିତରକୁ ତା'ର ଯାତ୍ରା ଆଦୌ ଉତ୍ସାହଜନକ ନଥିଲା। ବାହାଘର ପୂର୍ବରୁ ଓ ବିବାହ ତିଥିରେ ସେ ଆତ୍ମୀୟମାନଙ୍କୁ ସମ୍ବୋଧି କାନ୍ଦୁଥିଲା। ଝିଅଟି କାନ୍ଦୁନଥିଲା ତ କାନ୍ଦୁଥିଲା ଗାଆଁ। କାନ୍ଦୁଥିଲେ ଗଛବୃକ୍ଷ, ପକ୍ଷୀ ଓ ପ୍ରଜାପତି। କାନ୍ଦୁଥିଲା ନଈତୁଠ, ନୀଳକଇଁ ଓ ଭାଦ୍ରବର ଖୁଦୁରକୁଣୀ, କାନ୍ଦୁଥିଲା ରଜଦୋଳି, ଖପରାଡିଆଁ, ପୁଚିଖେଳ ଓ କୁମାରପୁନେଇଁ। ଆଜି ଏକବିଂଶ ଶତାବ୍ଦୀରେ ନାରୀର ବିବାହ ଜୀବନ ପୂର୍ବାପେକ୍ଷା ଯଥେଷ୍ଟ ଉର୍ବର ହୋଇଥିବା ବେଳେ ଅତୀତରେ ଆମର ମା' ଭଉଣୀମାନେ କିପରି ବିପର୍ଯ୍ୟର ସାମ୍ନା କରୁଥିଲେ ଏହା ବୋଧେ ଆଜିର ପ୍ରେକ୍ଷାପଟ୍ଟରେ ଅନେକ ବିଶ୍ୱାସ କରିନପାରନ୍ତି। ପୁରାଣ ବର୍ଣ୍ଣିତ କେତେଗୋଟି ନାରୀ ଚରିତ୍ରକୁ ଦେଖି ଏହା ଲକ୍ଷ୍ୟ କରାଯାଇପାରେ ଯଥା- ବାତ୍ସଲ୍ୟର ବନ୍ଦୀଶାଳାରେ ଜଳୁଥିବା ଦୀପଶିଖା, ତଅପୋଇ- ପ୍ରତିକୂଳ ପରିସ୍ଥିତିରେ ପଡି ନିଜର ସୁରକ୍ଷା କିପରି କରାଯାଇପାରେ ଏହା ତା'ର ଉଦାହରଣ। ବାପାଙ୍କ ପାଖରେ ସୁନାଚାନ୍ଦ ପାଇଁ ଜିଦ୍ କରୁଥିବା ଝିଅ ପରବର୍ତ୍ତୀ ସମୟରେ ବଂଚି ରହିବା ପାଇଁ ବନସ୍ତରେ ଛେଳି ଚରେଇଛି। ଏଠାରେ ଲକ୍ଷ୍ୟ କରିବାର କଥା ଯେ ଧନୀ ସାଧବର ଏକ ମାତ୍ର ଝିଅ ତଅପୋଇ ଯାର, ସାତଜଣ, ସ୍ନେହମୟ ଭାଇ, ସେ ବଞ୍ଚିବା ପାଇଁ ସଂଘର୍ଷ କରୁଛି। ଓଡିଶାର ପଲ୍ଲୀଜୀବନରେ ତଅପୋଇ ପରି ପ୍ରାଚୁର୍ଯ୍ୟମୟ ପରିବାରର କନ୍ୟା ଜୀବନରେ ଯଦି ଏପରି ବିପର୍ଯ୍ୟୟ ଆସିପାରିଛି ତା' ହେଲେ ସାଧାରଣ ପରିବାରର କନ୍ୟାମାନେ କିପରି ଜୀବନ ଅତିବାହିତ କରୁଥିବେ ଏଥିରୁ ସ୍ପଷ୍ଟ। ସେହିପରି ଏକ ବିଡମ୍ବିତ ନିଃସଙ୍ଗ ବତୀଖୁଣ୍ଟ "ଖୁଲଣା ସୁନ୍ଦରୀ"- ଖୁଲଣା ସୁନ୍ଦରୀ କୁସଂସ୍କାର ପୁଷ୍ଟ ଓଡିଆ ଜନଜୀବନର ପ୍ରତିବିମ୍ବ।

ନାରୀକୁ ବିପର୍ଯ୍ୟୟର ବନ୍ଦୀଶାଳାରୁ ମୁକୁଳେଇବା ପାଇଁ ସୃଷ୍ଟି ହୋଇଛନ୍ତି ଓଡିଶାର ଲୋକଦେବତା । ନାରୀର ଅସୁରୀ ଓ ଈଶ୍ୱରୀ ସତ୍ତା ଖୁଲଣା ସୁନ୍ଦରୀରେ ବର୍ଣ୍ଣିତ ।

ପୀଡାର ପ୍ରଲମ୍ବିତ ପର୍ବ "ମୁକୁତା ଦେଇ"-ଲୁହ କିପରି ନିର୍ମାଲ୍ୟରେ ପରିଣତ ହୋଇପାରେ ତା'ର ଉଦାହରଣ 'ମୁକୁତା ଦେଇ' ତଅପୋଇ, ଖୁଲଣା ସୁନ୍ଦରୀ ଓ ମୁକୁତା ଦେଇ ସମସ୍ତେ ଅଭିଜାତ ବର୍ଗର ମହିଳାମାନଙ୍କୁ ଯଦି ଏପରି ପୀଡିତ ଜୀବନାଯାପନ କରିବାକୁ ପଡୁଥିଲା, ତେବେ ସାଧାରଣ ନାରୀର ସ୍ଥିତି ଏଥିରୁ ଅନୁମେୟ । ନାରୀ ପୁତ୍ରପ୍ରାପ୍ତ ନହେବା ଥିଲା ଏକ ସାମାଜିକ କଳଙ୍କ । ନାରୀର ସୌଭାଗ୍ୟ ତା'ର ପୁତ୍ରପ୍ରାପ୍ତି ସହ ଯୋଡି ହୋଇଥିଲା । ଅତଏବ କେତେ କେତେ ତଅପୋଇ, ଖୁଲଣା ସୁନ୍ଦରୀ, ମୁକୁତା ଦେଇ ଘରୋଇ ହିଂସାର ଶିକାର ହୋଇ ଆତ୍ମହତ୍ୟା କରିଥିବେ । ବଣରେ ଛେଳି ଚରାଇ ବୁଲୁଥିବେ । ଘାସ, ପତର, ଖାଇ ବଞ୍ଚିଥିବେ, ତାହା ଏଥିରୁ ସ୍ପଷ୍ଟ ।

ଦ୍ୱିତୀୟ ପର୍ଯ୍ୟାୟରେ ଆମ୍ଭେ ଯଦି ପ୍ରାଚୀନ ଓଡିଆ ସାହିତ୍ୟକୁ ଲକ୍ଷ୍ୟ କରିବା ତେବେ ଦେଖିବା ଯେ, ନାରୀକୁ କେନ୍ଦ୍ରରେ ରଖି ବିଭିନ୍ନ ରଚନାମାନ ଲେଖା ଯାଇଛି । ନାରୀର ପ୍ରେମ, ପ୍ରଣୟ ଓ ପରମାର୍ଥ ଭାଜନା ଦ୍ୱାରା ଏସବୁ ସାହିତ୍ୟ ରଚିତ । କବି ସାରଳା ଦାସଙ୍କ ଲେଖାକୁ ଯଦି ଆମେ ଆଲୋଚନା କରିବା ସେଥିରେ ନାରୀ ଚରିତ୍ରର ପାରମ୍ପରିକତା ଲକ୍ଷ୍ୟ କରାଯାଏ । ଷୋଡଶ ଶତାବ୍ଦୀରେ ପଞ୍ଚସଖାଙ୍କ ସାହିତ୍ୟରେ ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ' ମାଧ୍ୟମରେ ପ୍ରଥମ ଥର ପାଇଁ ଓଡିଆ ସାହିତ୍ୟରେ ଏକ ଶକ୍ତିଶାଳୀ ସଂୟସିଦ୍ଧ ନାରୀ ଚରିତ୍ର ଦେଖିବାକୁ ମିଳେ । ସ୍ୱାମୀର ବାରଣ ସତ୍ତ୍ୱେ ଲକ୍ଷ୍ମୀ ଠାକୁରାଣୀ ଶ୍ରୀୟା ଚଣ୍ଡାଳୁଣୀ ଘରକୁ ଯାଇଛନ୍ତି । ନିଜର ସ୍ୱାଭିମାନର ସୁରକ୍ଷା ପାଇଁ ଦାମ୍ପତ୍ୟ ଓ ରାଜଭୋଗକୁ ଲକ୍ଷ୍ମୀ ତ୍ୟାଗ କରି ଦେଇଛନ୍ତି । ଏଥିରୁ ଏହା ଦେଖିବାକୁ ମିଳେ ଯେ ପ୍ରଥମଥର ପାଇଁ ଜଣେ ନାରୀ ପୁରୁଷ ପ୍ରାଧାନ୍ୟ ବିରୁଦ୍ଧରେ ଖୋଲାଖୋଲି ଭାବରେ ସ୍ୱର ଉତ୍ତୋଳନ କରିଛନ୍ତି । ମଧ୍ୟଯୁଗୀୟ ସାହିତ୍ୟରେ ନାରୀରା ପ୍ରୟୋଗ ପ୍ରେମ -ପ୍ରଣୟ, ପରକୀୟା ପାଇଁ ଉଦ୍ଦିଷ୍ଟ ଥିଲା । ପ୍ରାଚୀନ ସାହିତ୍ୟରେ ନାରୀ ଚରିତ୍ରଗୁଡିକ ଯେଉଁ ସବୁ ଦୁର୍ଦ୍ଦଶା ଦେଇ ଗତି କରିଛନ୍ତି, ମଧ୍ୟଯୁଗରେ ନାରୀମାନେ ସେସବୁକୁ ଉପେକ୍ଷା କରିଛନ୍ତି । ମଧ୍ୟଯୁଗୀୟର ପ୍ରଣୟପାଲିଙ୍କୁ ଭାଙ୍ଗି ରାଧାନାଥ ରାୟ କାରୁଣ୍ୟର ଲୁହବୁନ୍ଦା ପାଠକଙ୍କୁ ଭେଟିଦେଲେ । ତାଙ୍କ କାବ୍ୟର ନାରୀ ଚରିତ୍ରଗୁଡିକ ନିଜର ଇପ୍‌ସିତ ପ୍ରେମକୁ ହରେଇ ଲୁହର କୋକେଇରେ ଜଳିଛନ୍ତି । ରାଧାନାଥଙ୍କ ନାରୀଚରିତ୍ର ନିଜ ନିଜର ନିଷ୍ପତ୍ତି ନେବାର ସ୍ୱାଧୀନତା ଯୋଗୁଁ ନାରୀର ବ୍ୟକ୍ତିତ୍ୱ ପ୍ରଜ୍ୱଳିତ ହୋଇଛି ତାଙ୍କ କାବ୍ୟରେ । ଗୌରୀ ପ୍ରେମ ପାଇଁ ଘର ଛାଡିଛି ।ଏକାନ୍ତ ଜୀବନ ଅତିବାହିତ କରିବ ବୋଲି ପ୍ରେମିକ ସହ ଘୋର ବଣରେ ଘର ବାନ୍ଧିଛି । ଚନ୍ଦ୍ରଭାଗା ନିଜର ସତୀତ୍ୱ ବଞ୍ଚାଇବା ପାଇଁ ଆତ୍ମହତ୍ୟା କରିଛି । ସେହିଭଳି ଉଷା, ନନ୍ଦିକା, ପାର୍ବତୀ ନାରୀ ଅସ୍ମିତା ଓ ଦାୟିତ୍ୱବୋଧର ନୂତନ ପରିଭାଷା ପ୍ରଦାନ କରିଛନ୍ତି । ନାରୀର ଭବିଷ୍ୟତରେନିର୍ଦ୍ଧାରଣ ସଂୟବର ଦ୍ୱାରା ନୁହେଁ ସାମର୍ଥ୍ୟ ଓ ବ୍ୟକ୍ତିତ୍ତ୍ୱ ଦ୍ୱାରା ହେବା ଉଚିତ ବୋଲି ଉଷା କାବ୍ୟର ନାୟିକା ଉଷା ଘୋଷଣା କରିଛି । ପ୍ରେମପାଇଁ ପିତ୍ରାଳୟ ଓ ପିତାର ଜୀବନକୁ ତୁଚ୍ଛ କରି ନନ୍ଦିକା ପ୍ରେମିକ ପାଖରେ ପ୍ରତାରିତ ହୋଇଛି । ପ୍ରଥମ ଥର ପାଇଁ ନାରୀ ସାମ୍ନାରେ ଏକ ଆହ୍ୱାନ ଆସିଛି । 'ପାର୍ବତୀ' ରାଧାନାଥ ରାୟଙ୍କର ଆଉଜଣେ ପ୍ରଗତିଶୀଳା ନାୟିକା । ସ୍ୱାମୀର ମହାପାପକୁ ସହ୍ୟ ନକରି ସେ ତାକୁ ହତ୍ୟା କରିଛି । ଭଂଜୀୟ ବର୍ଣ୍ଣନା ଚାତୁରୀ ଓ ଦେହବିଳାସ ପାଖରୁ କାରୁଣ୍ୟ ଓ କଳଙ୍କର ବନ୍ଦୀଶାଳାରେ ନାୟିକାମାନଙ୍କର ନୀରବ ଲୁହର ଝଡ ସୃଷ୍ଟି କରିଛନ୍ତି ରାଧାନାଥ ରାୟ । କାବ୍ୟନାୟିକାମାନଙ୍କୁ କିଛି କିଛି ସ୍ୱାଧୀନତା ଓ ଅସ୍ମିତା ପ୍ରଦାନ କରି ରାଧାନାଥ ଏକ ବୃହତ୍ତର ନାରୀ ସମସ୍ୟା ଧର୍ମୀ ଜୀବନ ବୃତ୍ତ କାବ୍ୟଧାରାରେ ସୃଷ୍ଟି କରିବାର ପଥ ପରିଷ୍କାର କରିଛନ୍ତି । ନ'ଅଙ୍କ ଦୁର୍ଭିକ୍ଷ କେବଳ ଓଡିଆଙ୍କ ଭାତହାଣ୍ଡି ଭାଙ୍ଗିନାହିଁ ବରଂ ଓଡିଆ ନାରୀକୁ ବାରଙ୍ଗନା ସଜେଇ ଦେଇଛି । ଏତଦ୍ ବ୍ୟତୀତ ନବବିବାହିତା ନାରୀ ଶାଶୁ ନଣନ୍ଦଙ୍କ ଗଂଜଣା ସହିନପାରି ଆତ୍ମହତ୍ୟା କରୁଛି । ସ୍ୱାମୀ ଦାଦନରେ ଯାଉଥିବା କଲିକତା, ରେଙ୍ଗୁନ୍, ସାହୁକାର, ମହାଜନ ସୁଧ ବଦଳରେ ଲୁଟି ଚାଲିଥିବ କୁଳବଧୂର ଦେହ । ତୁଳସୀ ଚଉରାମୂଳେ ଲୁହର ଦୀପ ଜାଳିଲେବି ସ୍ୱାମୀ ଫେରୁନଥିବ । ଉଡିଯାଉଥିବ କାଉ, ହଳଦୀବସନ୍ତ ବସୁନଥିବେ ଆଉ ବାଡ଼ିଆଡ଼େ । ସବୁସ୍ୱପ୍ନ ବାସିଚୂଲୀର ପାଉଁଶ ପରି ମନେହେଉଥିବ । ସବା ଖାଇ ବୋଲି ଗାଳି ଦେଉଥିବ ଶାଶୁ । ଅଗଣିତ ଓଡ଼ିଆ ନାରୀ ବଞ୍ଚିବା ପାଇଁ ଦେହଜୀବୀ ସାଜିବା ଓ ଆତ୍ମ ହତ୍ୟା କରିବା ନଅଙ୍କ ଦୁର୍ଭିକ୍ଷ ପରବର୍ତ୍ତୀ ଓଡିଆ ସମାଜର ବାସ୍ତବ ଘଟଣା ଭାତହାଣ୍ଡି ଯେପରି ଭାଙ୍ଗି ଖପରା ହେଉଛି-ନାରୀ ସେମିତି ଭାଙ୍ଗିଯାଇଛି ।

ଭାରତୀୟ ନାରୀମାନଙ୍କର ଚେତନାର ଉଦ୍ରେକ ପାଇଁ ପଶ୍ଚିମର ନାରୀବାଦୀ ଆନ୍ଦୋଳନ ପୃଷ୍ଠଭୂମି ଭାବରେ କରିଛି । ନାରୀର ସମାଜ ବିରୁଦ୍ଧରେ ନିଜର ସ୍ୱାଧୀନତା ପାଇଁ ଲଢେଇ କରିଛି । ନାରୀ ଠିକ୍ ପୁରୁଷ ପରି ଜଣେ ମଣିଷ, ପୁରୁଷ ପରି ତା'ର ସମାନ ଅଧିକାର ସମାଜରେ ଅଛି । କିନ୍ତୁ ପରମ୍ପରା ଓ ଇତିହାସ ରେ ନାରୀକୁ ଯଥାନ୍ୟାୟ ମିଳିନଥିବାରୁ ନାରୀ ଏହାକୁ ସମ୍ମାନ କରେନାହିଁ । ନାରୀ ନିର୍ମାଣକରେ ତା'ର ବ୍ୟକ୍ତିତ୍ୱ, ତା'ର ବ୍ୟକ୍ତିତ୍ୱ ହିଁ ତା'ର ଅସ୍ମିତା । ଏହି ଅସ୍ମିତା ପ୍ରତିଷ୍ଠାର ସଂଘର୍ଷ ହିଁ ନାରୀ ସଶକ୍ତିକରଣର ସ୍ୱରୂପ । ସ୍ୱାଧୀନତା ପରବର୍ତ୍ତୀ ଭାରତ ତଥା ଓଡିଶାରେ ନାରୀ ଜୀବନରେ ଯେପରି ସଶକ୍ତିକରଣ ସମ୍ଭବ ହୋଇଛି, ସେହିପରି ବିଭିନ୍ନ ସମସ୍ୟା ମୁଣ୍ଡ ଟେକିଛି । ବଜାରୀକରଣ

ଅର୍ଥନୀତି ଓ ଉପଭୋକ୍ତା ସଂସ୍କୃତିର ବିକାଶ ଯୋଗୁଁ 'ନାରୀ' ଏକ ଆନନ୍ଦ ସାମଗ୍ରୀ ଭାବରେ ବଜାରବ୍ୟବସ୍ଥାକୁ ପଶିଆସିଛି । ନାରୀ ଆଜି ସଶକ୍ତିକରଣ ହେଲେ ମଧ୍ୟ ତା'ର ଜୀବନଧାରାରେ ବିଭିନ୍ନ ସମସ୍ୟାମାନ ବୃଦ୍ଧିପାଇଛି । ଯେପରିକି ଛାଡପତ୍ର ସଂଖ୍ୟା ବୃଦ୍ଧି, ଯୌତୁକ ପରିମାଣରେ ବୃଦ୍ଧି, ପରକୀୟା ପ୍ରୀତି ଓ ଏହାର କୁପରିଣାମ, ଉଚ୍ଚ ଶିକ୍ଷିତା ନାରୀମାନଙ୍କର ବେକାରୀଙ୍କ ସଂଖ୍ୟା ବୃଦ୍ଧି, କୁମାରୀ କନ୍ୟା ପ୍ରତି ପାରିବାରିକ ଅବହେଳା, କର୍ମକ୍ଷେତ୍ରରେ ଯୌନ ଉତ୍ପୀଡନ, ଘରୋଇ ହିଂସା, ଦାମ୍ପତ୍ୟ ସଂଘର୍ଷ, ସନ୍ତାନ ପାଳନର ବାଧ୍ୟବାଧକତା ଇତ୍ୟାଦି ।

ଏତଦ୍ ବ୍ୟତୀତ ପ୍ରାଚୀନ ପୁରାଣ ପୃଷ୍ଠାକୁ ଯଦି ଲକ୍ଷ୍ୟ କରାଯାଏ, ତେବେ ସେତେବେଳର ନାରୀମାନଙ୍କର ଜୀବନଧାରାରେ ଆତ୍ମମର୍ଯ୍ୟାଦା ଓ ପ୍ରତିବଦ୍ଧତାର ଅସ୍ତିତ୍ୱ ଦେଖାଯାଇଥାଏ, ସେମାନେ ନିୟତିର ପ୍ରତିକୂଳରେ ନିଜକୁ ନିର୍ମାଣ କରିପାରୁଥିଲେ ତାହା ହିଁ ସେମାନଙ୍କ ସଶକ୍ତିକରଣର ସ୍ୱରୂପ । ସେମାନେ ଶୃଙ୍ଗାରୀ ଅପେକ୍ଷା ଅଧିକ ସଂସାରୀ । ପ୍ରେମ ପରକୀୟା ଅପେକ୍ଷା ବାତ୍ସଲ୍ୟ ମାତୃତ୍ୱରେ ତା'ର ତମାମ ଜୀବନ ସମର୍ପିତ । ତେଣୁ ସର୍ବଦା ଜନନୀ ସ୍ୱର୍ଗଠାରୁ ଗରିୟସୀ । ପୁଣି ପ୍ରେମ ଓ ତ୍ୟାଗ ବଳରେ ପୁରୁଷକୁ ଜୟ କରିବା ଭାରତୀୟ ନାରୀ ହିଁ ଜାଣେ ସେଥିପାଇଁ ତ ଈଶ୍ୱର ଅଇଁଠା ଫଳ ଖାଆନ୍ତି । ଜଣେଶବରୁଣୀ ଠାରୁ । କିନ୍ତୁ ସେହି ଭାରତୀୟ ନାରୀ ବର୍ତ୍ତମାନର ସମାଜରେ କିପରି ଦାମ୍ପତ୍ୟର ସିନ୍ଦୂର ପିନ୍ଧି ପ୍ରେମିକ ପାଇଁ ସ୍ୱପ୍ନ ଦେଖୁଛି, ଦେହକୁ ମାଧ୍ୟମ କରି ନିଜକୁ ପ୍ରତିଷ୍ଠା କରୁଛି, ତେଣୁ ସେଥିପାଇଁ ତ କୁହାଯାଏ,

"ସ୍ୱାମୀ ବାହାରକୁ ସିନ୍ଦୂର ହୋଇ ଜଳେ
ପ୍ରେମିକ ହୃଦୟରେ ରୁଧିର ହୋଇ ଝରେ ।"

× × × × × ×

ଏକବିଂଶ ଶତାବ୍ଦୀର ଯୁଗକୁ ସାଧାରଣତଃ ବିଜ୍ଞାନର ଯୁଗ ବୋଲି କୁହାଯାଏ । କାରଣ ଏଯୁଗର ସଭ୍ୟତା ସଂସ୍କୃତି ପୂର୍ବକାଳଠାରୁ ବେଶି ଉନ୍ନତ, ହୋଇଛି ବୋଲି ମନେ କରାଯାଏ । କିନ୍ତୁ ଏହା ସତୀତ୍ୱ ଧର୍ମ, ଆଧୁନିକ ନାରୀର ବିକାଶ ନା ବିପର୍ଯ୍ୟୟ ଏହା ବୁଝାପଡୁ ନାହିଁ । ସୁତରାଂ ବିଶ୍ୱରରେ ସତୀତ୍ୱ ମୂଲ୍ୟବାନ ହେଲେ ହେଁ ଏ ଯୁଗରେ ତା'ର ସାମାଜିକ, ବ୍ୟକ୍ତିଗତ ବା ରାଷ୍ଟ୍ରୀୟ ମୂଲ୍ୟ ଜମାରୁ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ ।

❖❖❖

# କର୍ମ ହିଁ ଭଗବାନ

✍ ଶୁଭସ୍ମିତା ବେହେରା
ଛାତ୍ରୀ, +୩ ୨ୟ ବର୍ଷ

ରାମପୁର ନାମରେ ଗୋଟିଏ ଗ୍ରାମଟିଏ ରହିଥିଲା । ସେହି ଗ୍ରାମରେ ଏକ ପୁରୁଣା ଶିବ ମନ୍ଦିରଟିଏ ରହିଥିଲା । ସେଠାରେ ଯଦୁ ଓ ହରି ନାମରେ ଦୁଇଜଣ ବନ୍ଧୁ ରହୁଥିଲେ । ଉଭୟ ଈଶ୍ୱର ବିଶ୍ୱାସୀ ଥିଲେ । ଈଶ୍ୱରଙ୍କ ପ୍ରତି ତାଙ୍କର ପ୍ରଗାଢ ଭକ୍ତିଭାବ ରହିଥିଲା, ଯାହାକୁ ଦେଖି ଗ୍ରାମବାସୀବୃନ୍ଦ ତାଙ୍କର ବହୁତ ସମ୍ମାନ କରୁଥିଲେ । ଯଦୁ ଯେ କି କେବଳ ଘଣ୍ଟା ଘଣ୍ଟା ଧରି ମନ୍ଦିରରେ ବସି ରହୁଥିଲା ଓ ଠାକୁରଙ୍କୁ ପୂଜା ଅର୍ଚ୍ଚନା କରୁଥିଲା । ସେ କଦାପି କିଛି କର୍ମ କରୁନଥିଲା ସେ କେବଳ କହୁଥିଲା ଯେ ଠାକୁର ଅଛନ୍ତି ତାଙ୍କୁ ସାହା ହେବେ । ଅନ୍ୟପଟରେ ହରି ଈଶ୍ୱରଙ୍କ ପୂଜା ଅର୍ଚ୍ଚନାକରିବା ସହିତ ନିଜର ଲକ୍ଷ୍ୟକୁ ପୂରଣ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଥିଲା । ଯାହା ଫଳରେ ସେ ଦିନେ ଓକିଲ ହୋଇପାରିଲା । ଯେତେବେଳେ ଏହି କଥାକୁ ଯଦୁ ଶୁଣିଲା, ସେ ମନ୍ଦିରକୁ ଧାଇଁ ଯାଇ ସେଠାରେ ଠାକୁରଙ୍କୁ ନିନ୍ଦା କରିବାକୁ ଲାଗିଲା । ଯେ ତୁମେ ଜଣେ ମାୟାବୀ ଓ ଠକ । ହରି ପରି ମୁଁ ମଧ୍ୟ ତୁମର ପୂଜାକୁ ଅତି ନିଷ୍ଠାର ସହ କରୁଥିଲି, କିନ୍ତୁ ତୁମେ ମତେ ଆଜି ଠକିଦେଇଛ । ଏହା କହି ରାଗରେ ତମ ତମ ହୋଇ ସେଠାରୁ ପଳାଇଆସିଲା । ଆଉ ସେହି ଦିନଠାରୁ ସେ ମନ୍ଦିରକୁ ଗଲାନାହିଁ । ଯେତେବେଳେ ଗ୍ରାମବାସୀମାନେ ଏହି କଥା ଶୁଣିଲେ, ଯଦୁକୁ ଯାଇ କହିଲେ, ଦେଖ ତୁ ତ କଦାପି କର୍ମ କରୁନାହୁଁ, ଠାକୁରଙ୍କୁ କାହିଁକି ନିନ୍ଦା କରୁଛୁ, ହରି ସବୁବେଳେ କର୍ମ କରୁଥିଲା ଯାହାଫଳରେ ସେ ଆଜି ଜଣେ ଓକିଲ ହୋଇପାରିଛି । ଶେଷରେ ଯଦୁ ଏହା ଶୁଣିସାରି ନିଜର ଭୁଲକୁ ବୁଝିପାରିଲା । ତା' ପରେ ମନ୍ଦିରକୁ ଯାଇ ଠାକୁରଙ୍କୁ ଭୁଲ ମାଗିଛି । ତା' ପରଠାରୁ ସେ କର୍ମ କରିଛି ଓ ସଫଳତା ମଧ୍ୟ ହାସଲ କରିପାରିଲା ।

❖❖❖

# ଧନ ସାଥିରେ ଯାଏ ନାହିଁ

ପ୍ରେମ ସ୍ୱରୂପ ଦାଶ
ଛାତ୍ର, +୩ ୧ମ ବର୍ଷ କଳା

ଶ୍ରୀ ଗୁରୁ ନାନକଦେବ ମହାରାଜଙ୍କ ଏକ ଭକ୍ତ ଥିଲା - ଦୁନୀଚନ୍ଦ । ଲାହୋରରେ ରହୁଥିଲା ସେ । ଯେତେବେଳେ ତା ପାଖରେ ଏକ କୋଟି ଟଙ୍କା ଜମା ହୋଇଯାଉଥିଲା, ସେ ତା ଘର ଉପରେ ଏକ ନୂଆ ପତାକା ଲଗାଇ ଦେଉଥିଲା । କେତେ ନୂଆ ପତାକା ତା ଘର ଉପରେ ଉଡୁଥିଲା । ଦିନେ ଗୁରୁ ମହାରାଜ ତା ଘରକୁ ଗଲେ ଓ ଆଶ୍ଚର୍ଯ୍ୟରେ କହିଲେ -ଦୁନୀଚନ୍ଦ ଏ ପତାକାଗୁଡ଼ିକ କାହିଁକି ଲଗାଇଛ ? ଦୁନୀଚନ୍ଦ କହିଲା - ମହାରାଜ ଯେତେବେଳେ ନୂଆ ଏକ କୋଟି ଟଙ୍କା ଜମା ହୋଇ ଯାଉଛି, ମୁଁ ଗୋଟିଏ ନୂଆ ପତାକା ଘର ଉପରେ ଲଗାଇ ଦେଉଛି । ଗୁରୁ ମହାରାଜ ପତାକା ଆଡ଼କୁ ଚାହିଁଲେ ଓ ଧୀରେ ଧୀରେ ମୁରୁକି ହସିଲେ । ଅନ୍ୟ କଥାବାର୍ତ୍ତା ହେଲେ । ଭୋଜନ କଲେ । ଫେରିଯିବାକୁ ବାହାରିଲାବେଳେ ଦୁନୀଚନ୍ଦକୁ ଗୋଟିଏ ପଟକୁ ନେଇ ଯାଇ କହିଲେ - ଦୁନୀଚନ୍ଦ, ମୋର ଗୋଟିଏ କାମ କରିବ ? ଦୁନୀଚନ୍ଦ ମୁଣ୍ଡ ନୁଆଁଇ କହିଲା - ମୁଁ ତ ଆପଣଙ୍କ ଦାସ । ଆଜ୍ଞା କରନ୍ତୁ । ଗୁରୁ ମହାରାଜ ନିଜ ଝୁଲାରୁ ଗୋଟିଏ ଛୁଞ୍ଚି ବାହାର କରି ତାକୁ ଦେଇ କହିଲେ – ମୋର ଏହି ଛୁଞ୍ଚିକୁ ତୁମ ପାଖରେ ରଖି ନିଅ, ମୁଁ ଆସନ୍ତା ଜନ୍ମରେ ନେଇ ନେବି । ଏହାକୁ ସମ୍ଭାଳି ରଖୁଥିବ । କେଉଁଠି ହଜାଇ ଦେବ ନାହିଁ । ଦୁନୀଚନ୍ଦ ସେ ଛୁଞ୍ଚି ନେଇ ସମ୍ଭାଳି ରଖିଲେ । ଗୁରୁ ମହାରାଜ ତାକୁ ଆଶୀର୍ବାଦ ଦେଇ ଚାଲିଗଲେ । ସେ ଯିବା ପରେ ଦୁନୀଚନ୍ଦ ପତ୍ନୀ ପଚାରିଲା - ଗୁରୁଜୀ ତୁମକୁ ଅଲଗା ଡାକି ନେଇ କଅଣ କହୁଥିଲେ ? ଦୁନୀଚନ୍ଦ କହିଲା - ସେ ଗୋଟିଏ ଛୁଞ୍ଚ ସମ୍ଭାଳି ରଖିବାକୁ ଦେଇଛନ୍ତି ।

କହିଲେ, ଆସନ୍ତା ଜନ୍ମରେ ତୁମଠାରୁ ନେଇ ନେବି । ଆସନ୍ତା ଜନ୍ମରେ ? ପତ୍ନୀ ଆଶ୍ଚର୍ଯ୍ୟ ହୋଇ କହିଲା । ଦୁନୀଚନ୍ଦ କହିଲା - ଏହା ତ କହିଲେ ସେ । କିନ୍ତୁ ଆସନ୍ତା ଜନ୍ମକୁ ତୁମେ ଏ ଛୁଞ୍ଚି ନେବ କିପରି ? ମୃତ୍ୟୁ ସମୟରେ ତ କେହି କିଛି ସାଥିରେ ନେଇ ପାରନ୍ତି ନାହିଁ । ଗୁରୁ ମହାରାଜଙ୍କ ଅଭିପ୍ରାୟ କିଛି ଅନ୍ୟ ପ୍ରକାର । ତୁମେ ତାଙ୍କୁ ପଚାରିଲ ନାହିଁ କାହିଁକି ? -ପତ୍ନୀ କହିଲା ।

ଦୁନୀଚନ୍ଦ କହିଲା - ଏହା ତ ପଚାରିବାକୁ ଭୁଲିଗଲି ।

-ପତ୍ନୀ କହିଲା - ତେବେ ଚଞ୍ଚଳ ଯାଅ, ତାଙ୍କୁ ପଚାର, ତାଙ୍କର ଅଭିପ୍ରାୟ କଅଣ ?

ଦୁଇଜଣଯାକ ଗୁରୁ ମହାରାଜଙ୍କ ପଛେ ପଛେ ଦୌଡ଼ିଲେ, କିଛି ସମୟ ପରେ ତାଙ୍କ ପାଖରେ ପହଞ୍ଚିଗଲେ । ତାଙ୍କ ଚରଣରେ ମୁଣ୍ଡ ଲଗାଇ ଦୁନୀଚନ୍ଦ କହିଲା – ମହାରାଜ ! ଆପଣଙ୍କ କଥା ମୁଁ ବୁଝି ପାରିଲି ନାହିଁ । ଆପଣ କହିଲେ ଯେ ଏହି ଛୁଞ୍ଚି ଆପଣ ଆସନ୍ତା ଜନ୍ମରେ ମୋଠାରୁ ନେବେ । କିନ୍ତୁ ଆସନ୍ତା ଜନ୍ମକୁ ମୁଁ ଏହି ଛୁଞ୍ଚିକୁ ସାଙ୍ଗରେ ନେବି କିପରି ?

ଗୁରୁ ମହାରାଜ ହସି ହସି କହିଲେ – ସେମିତି ନେଇଯିବ ଦୁନୀଚନ୍ଦ, ଯେମିତି ତୁମର କୋଟି କୋଟି ଟଙ୍କାକୁ ନେଇଯିବ । ପତ୍ନୀ କହିଲା – କିନ୍ତୁ ମହାରାଜ ! ଏହି କୋଟି କୋଟି ଟଙ୍କା ତ ସାଥୀରେ ଯିବ ନାହିଁ ? ଗୁରୁ ମହାରାଜ ହସି ହସି କହିଲେ – ଯଦି ନ ଯିବ ତେବେ ଜମା କରୁଛ କାହିଁକି ? ଯାହାର ଆବଶ୍ୟକତା ଅଛି ତାଙ୍କୁ ବାଣ୍ଟି ଦିଅ । ତୁମର ଏହି ଶୁଭକର୍ମ ତୁମ ସାଥୀରେ ଯିବ । ବୈଭବ କେବେ କାହାର ସାଥୀରେ ଯାଇ ନାହିଁ, ତୁମ ସାଥୀରେ ବି ଯିବ ନାହିଁ ।

❖❖❖





❖❖❖



# ଅଘଟଣ

ଡ. ରବୀନ୍ଦ୍ରନାଥ ପାଢୀ
ପ୍ରାଧ୍ୟାପକ, ଉଦ୍ଭିଦ ବିଜ୍ଞାନ ବିଭାଗ

କୃଷ୍ଣ ଚୂଡ଼ା ରଙ୍ଗରେ
କେତେବେଳୁ ଲେସି
ହୋଇଗଲାଣି ଅନ୍ଧାର
ପ୍ରଜାପତି ମାନେ
ଉଡ଼ିବା ଭୁଲି ଗଲେଣି
ଦିଗବଳୟ ଆରପଟୁ
ସଂଜ ହେଲେ
ଉଡ଼ି ଆସୁନାହାନ୍ତି
ଘର ବାହୁଡ଼ା ପକ୍ଷୀ
ବୁଡି ଆସୁଥିବା ସୂର୍ଯ୍ୟ
ବନୁ ନାହିଁ ଆଉ ରାଜସାକ୍ଷୀ
ବେଳାଭୂମିର ବାଲିଘର ସବୁ
ଅଜଣା ସୁନାମିରେ
ଅସ୍ତିତ୍ୱ ହୀନ
ସେଦିନର ସକାଳ ଖରା
ଏବେ ପାଦ ସାରା
ଫୋଟକା ଚିହ୍ନ
ବର୍ଷା କେବେଠୁ
ଭୁଲି ସାରିଛି ନୃତ୍ୟ
କୋଇଲିମାନେ
ଭୁଲି ସାରିଛନ୍ତି
ନିଜ ସ୍ୱରର ଗୀତ
ଏବେ ନିଦ ମାନେ ସପ୍ନ ହୀନ
ନିଜ ବୟସ୍କ ଛବି
ଦର୍ପଣରେ ଅଚିହ୍ନା ପୁରୁଷ
ସମୟ କିନ୍ତୁ ନିଗିଡେଇ
ସାରିଛି ବୟସ
ଲିଭେଇ ସାରିଥିବା
ଶୂନ୍ୟ କାଗଜରେ
